

ମଙ୍ଗଳବାର ୨୫ ଅଗଷ୍ଟ, ୨୦୨୬, ଭୁବନେଶ୍ୱର

Tuesday, August 25 2026 Bhubaneswar

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ଜୀବିକାର ଲଢେଇ ହେଉ

ଏକ ଗାଡ଼ିର ଷ୍ଟିୟରିଂ ଧରି ଜଣେ ଚାଳକ ପ୍ରତିଦିନ ସକାଳୁ ଘରୁ ବାହାରନ୍ତି, କାରଣ ତାଙ୍କ ହାତରେ କେବଳ ଗାଡ଼ିର ଷ୍ଟିୟରିଂ ନୁହେଁ, ତାଙ୍କ ପରିବାରର ଭବିଷ୍ୟତ ମଧ୍ୟ ରହିଥାଏ। ସେହି ଗାଡ଼ିର ଚକ ଘୂରିଲେ ଘରେ ଚୁଲି ଜଳେ, ପିଲାର ପାଠପଢ଼ା ଚାଲେ, ବୃଦ୍ଧ ବାପାମାଆଙ୍କ ଔଷଧ ଆସେ, ଘରଭଡ଼ା ଦିଆଯାଏ ଓ ଜୀବନ ଆଗକୁ ବଢେ। ଅନଲାଇନ୍ ଟ୍ୟାକ୍ସି ଚାଳକଙ୍କ ଜୀବନର ଏହି ସତ୍ୟକୁ ଆମେ ଅଣଦେଖା କରିପାରିବା ନାହିଁ। ତାଙ୍କ ଦାବି ନ୍ୟାୟସଙ୍ଗତ ହୋଇପାରେ, ତାଙ୍କ ଆୟ ନେଇ ଚିନ୍ତା ଯଥାର୍ଥ ହୋଇପାରେ, ତାଙ୍କ ପରିବାରର ଭବିଷ୍ୟତ ନେଇ ଆଶଙ୍କା ସ୍ୱାଭାବିକ ହୋଇପାରେ। ଏକ ଶ୍ରମଜୀବୀ ମଣିଷ ନିଜ ଜୀବିକା ପାଇଁ ସ୍ୱର ଉଠାଇବେ—ଏହା ତାଙ୍କ ଅଧିକାର। କିନ୍ତୁ ସେହି ଅଧିକାରର ସୀମା ଯେଉଁଠାରେ ଅନ୍ୟ ନାଗରିକଙ୍କ ଅଧିକାର, ଆଇନ ଓ ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା ସହ ମିଶିଯାଏ, ସେଠାରେ ଆମକୁ ଏକ କଠୋର କିନ୍ତୁ ମାନବୀୟ ପ୍ରଶ୍ନ ପଚାରିବାକୁ ହେବ—ଜୀବିକାର ଅଧିକାର ପାଇଁ କି ସର୍ବସାଧାରଣଙ୍କ ସମ୍ପତ୍ତି ନଷ୍ଟ କରିବା ଗ୍ରହଣୀୟ ? ଉତ୍ତର ସ୍ପଷ୍ଟ—ନା। ଆମେ କୌଣସି ଦାବିର ନ୍ୟାୟସଙ୍ଗତତାକୁ ସମର୍ଥନ କରିପାରିବା, କିନ୍ତୁ ହିଂସାକୁ ସମର୍ଥନ କରିପାରିବା ନାହିଁ। ଆମେ ଜଣେ ଚାଳକଙ୍କ ଘରର ଚୁଲି ଜଳିବାକୁ ଚାହୁଁ, କିନ୍ତୁ ସେଥିପାଇଁ ଅନ୍ୟ ଜଣେ ନାଗରିକଙ୍କ ଅଧିକାର ଜଳିଯାଉ—ଏହା କେବେ ଚାହିଁପାରିବା ନାହିଁ। ଗତ ୧୯ ତାରିଖରେ ଅନଲାଇନ୍ ଟ୍ୟାକ୍ସି ସଂଘର ଆନ୍ଦୋଳନ ସମୟରେ ସର୍ବସାଧାରଣ ସମ୍ପତ୍ତି ଓ ପୁଲିସ ସମ୍ପତ୍ତିକୁ କ୍ଷତି ପହଞ୍ଚିଥିବା ଅଭିଯୋଗ ଆମ ସମାଜ ପାଇଁ ଗଭୀର ଚିନ୍ତାର ବିଷୟ। ଏଠାରେ ପ୍ରଥମେ ଏକ କଥା ସ୍ପଷ୍ଟ କରିବା ଦରକାର—ଆନ୍ଦୋଳନ କରିବା ଅପରାଧ ନୁହେଁ, ନିଜ ଦାବି ରଖିବା ଅପରାଧ ନୁହେଁ, ପ୍ରଶାସନକୁ ଦାବିପତ୍ର ଦେବା ଅପରାଧ ନୁହେଁ, ନ୍ୟାୟ ଦାବି କରିବା ମଧ୍ୟ ଅପରାଧ ନୁହେଁ; କିନ୍ତୁ ହିଂସା, ଭଙ୍ଗାରୁଜା, ଲୋକଙ୍କ ସମ୍ପତ୍ତି ନଷ୍ଟ, ପୁଲିସ କିମ୍ବା ସରକାରୀ ସମ୍ପତ୍ତିକୁ କ୍ଷତି ଓ ସାଧାରଣ ଜୀବନକୁ ବିପର୍ଯ୍ୟସ୍ତ କରିବା କୌଣସି ଗଣତାନ୍ତ୍ରିକ ଆନ୍ଦୋଳନର ଗୌରବ ହୋଇପାରେ ନାହିଁ। ଯେଉଁ ସମ୍ପତ୍ତିକୁ ଆମେ ରାସ୍ତାରେ ଦେଖୁଛୁ, ତାହା କୌଣସି ଏକ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ, କୌଣସି ଏକ ଦଳର ସମ୍ପତ୍ତି ନୁହେଁ, କୌଣସି ଏକ ଅଧିକାରୀଙ୍କ ବ୍ୟକ୍ତିଗତ ସମ୍ପତ୍ତି ମଧ୍ୟ ନୁହେଁ। ଏହା ଲୋକଙ୍କ ଟଙ୍କାରେ ତିଆରି ହୋଇଥିବା ଲୋକଙ୍କ ସମ୍ପତ୍ତି। ଏକ ପୁଲିସ ଗାଡ଼ି କ୍ଷତିଗ୍ରସ୍ତ ହେଲେ ତାହାର ମରାମତି ପାଇଁ ଯେଉଁ ଟଙ୍କା ଖର୍ଚ୍ଚ ହୁଏ, ସେହି ଟଙ୍କା ମଧ୍ୟ ଶେଷରେ ଜନସାଧାରଣଙ୍କର। ଏକ ସରକାରୀ ବସ୍ ଭାଙ୍ଗିଲେ, ଏକ ରାସ୍ତାର ଭିତ୍ତିଭୂମି ନଷ୍ଟ ହେଲେ, ଏକ ସରକାରୀ ଯାନ କ୍ଷତିଗ୍ରସ୍ତ ହେଲେ କ୍ଷତି କେବଳ ସରକାରର ହୁଏ ନାହିଁ; କ୍ଷତି ହୁଏ ସାଧାରଣ ଲୋକଙ୍କର। ଏହି ସରଳ ସତ୍ୟଟି ଆମେ ଭୁଲିଯିବା ଉଚିତ ନୁହେଁ। ଆଉ ଏକ ସତ୍ୟକୁ ମଧ୍ୟ ଭୁଲିବା ଯିବ ନାହିଁ—ପ୍ରତ୍ୟେକ ଆନ୍ଦୋଳନକାରୀ ଅପରାଧୀ ନୁହନ୍ତି। ଅଧିକାଂଶ ଶ୍ରମଜୀବୀ ଲୋକ ନିଜ ପରିବାରର ଭାତ ପାଇଁ, ନିଜ ରୋଜଗାରର ସୁରକ୍ଷା ପାଇଁ, ନିଜ ପେଶାର ସମ୍ମାନ ପାଇଁ ରାସ୍ତାକୁ ଆସନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ଗାଡ଼ି ହେଉଛି ସମ୍ପତ୍ତି ନୁହେଁ, ଜୀବନର ଏକମାତ୍ର ଆଶ୍ରୟ। କେହି ବ୍ୟାଙ୍କରୁ ଋଣ ନେଇ ଗାଡ଼ି କିଣିଥାଇପାରନ୍ତି, କେହି ଗାଡ଼ି ଭଡ଼ାରେ ନେଇ ଚଳାଇଥାଇପାରନ୍ତି, କେହି ପରିବାରର ଏକମାତ୍ର ଉପାର୍ଜନକାରୀ ହୋଇଥାଇପାରନ୍ତି। ତେଣୁ ତାଙ୍କ ଜୀବିକାର ପ୍ରଶ୍ନକୁ ହାସ୍ୟାସ୍ପଦ କରିବା, ଅଣଦେଖା କରିବା କିମ୍ବା ତାଙ୍କ ସମସ୍ୟାକୁ କେବଳ ଆଇନଶୃଙ୍ଖଳାର ଚଶ୍ମାରେ ଦେଖିବା ମଧ୍ୟ ନ୍ୟାୟସଙ୍ଗତ ନୁହେଁ। ଜଣେ ଚାଳକ ଯଦି କହନ୍ତି, "ମୋ ଆୟ କମୁଛି, ମୋ ପରିବାର ଚାଲୁନାହିଁ, ମୋର ପିଲାର ପଢ଼ା ଖର୍ଚ୍ଚ ଦେବା କଷ୍ଟକର ହେଉଛି"—ତାଙ୍କ ଯନ୍ତ୍ରଣାକୁ ଶୁଣିବା ଦରକାର। ତାଙ୍କ କଥାର ଉତ୍ତର ଲାଠି ନୁହେଁ, ସଂଳାପ ହେବା ଦରକାର। ତାଙ୍କ ଅଭିଯୋଗର ଉତ୍ତର ଅବହେଳା ନୁହେଁ, ନୀତିଗତ ଆଲୋଚନା ହେବା ଦରକାର। କିନ୍ତୁ ଏହି ସମ୍ବେଦନଶୀଳତାର ଅର୍ଥ ହିଂସାକୁ ଛାଡ଼ ଦେବା ନୁହେଁ। ବରଂ ସତ୍ୟ ହେଉଛି—ହିଂସା ସବୁଠାରୁ ପ୍ରଥମେ ଗରିବ ଓ ଶ୍ରମଜୀବୀଙ୍କ ହିଁ କ୍ଷତି କରେ। ଏକ ଦିନର ଉତ୍ତ ?ଜନା ଯଦି ଜଣେ ଚାଳକଙ୍କ ଗାଡ଼ିକୁ ଜବତ, ନଷ୍ଟ କିମ୍ବା ଆଇନଗତ ମାମଲାରେ ଜଡ଼ାଇ ଦିଏ, ତେବେ ତାଙ୍କ ଘରର ଆୟ ହିଁ ପ୍ରଥମେ ବନ୍ଦ ହେବ। ତାଙ୍କ ପିଲା ପଚାରିବ—ବାପା ଆଜି ଘରେ କାହିଁକି ? ସେହି ପିଲାକୁ ଆମେ କ'ଣ ଉତ୍ତର ଦେବୁ ? ଏକ ଦାବି ପାଇଁ ରାସ୍ତାକୁ ଆସିଥିବା ଜଣେ ପରିବାରର ଭବିଷ୍ୟତ ଯଦି ହିଂସାର ମୂଲ୍ୟ ଦେଇ ଅନିଶ୍ଚିତ ହୋଇଯାଏ, ତେବେ ସେହି ଆନ୍ଦୋଳନ କାହା ପାଇଁ ଏବଂ କାହା ବିରୋଧରେ ? ଆନ୍ଦୋଳନର ଲକ୍ଷ୍ୟ ହେଉଛି ଦାବିକୁ ଶୁଣାଇବା; ଦାବିକାରୀଙ୍କ ଭବିଷ୍ୟତକୁ ନଷ୍ଟ କରିବା ନୁହେଁ। ତେଣୁ ଅନଲାଇନ୍ ଟ୍ୟାକ୍ସି ଚାଳକ ସଂଘର ନେତୃତ୍ୱକୁ ମଧ୍ୟ ଆତ୍ମମନ୍ଥନ କରିବାର ସମୟ ଆସିଛି। ନିଜ ସଦସ୍ୟମାନଙ୍କୁ କହିବାକୁ ହେବ—ଆପଣମାନଙ୍କ ଦାବି ଯଦି ନ୍ୟାୟସଙ୍ଗତ, ତେବେ ତାହାକୁ ଶକ୍ତିଶାଳୀ ତଥ୍ୟ, ଯୁକ୍ତି ଓ ଏକତାରେ ରଖନ୍ତୁ; ପଥରରେ ନୁହେଁ, ଶବ୍ଦରେ ଲଢ଼ନ୍ତୁ; ଭଙ୍ଗାରୁଜାରେ ନୁହେଁ, ଆଇନର ରାସ୍ତାରେ ଲଢ଼ନ୍ତୁ; ଭୟ ସୃଷ୍ଟି କରି ନୁହେଁ, ଜନମତ ଗଢ଼ି ଲଢ଼ନ୍ତୁ। ଗଣତନ୍ତ୍ରରେ ଦାବି ରଖିବା ପାଇଁ ଅନେକ ଶାନ୍ତିପୂର୍ଣ୍ଣ ମାଧ୍ୟମ ଅଛି—ଦାବିପତ୍ର, ଆଲୋଚନା, ପ୍ରତିନିଧିମଣ୍ଡଳ, ନିର୍ଦ୍ଦିଷ୍ଟ ଅନୁମତି ସହ ଶାନ୍ତିପୂର୍ଣ୍ଣ ଧାରଣା, ଆଇନଗତ ପଦକ୍ଷେପ ଓ ଲୋକତାନ୍ତ୍ରିକ ମତବିନିମୟ। ଯେଉଁ ସଂଘ ନିଜ ସଦସ୍ୟମାନଙ୍କୁ ଶୃଙ୍ଖଳାରେ ରଖିପାରେ, ସେହି ସଂଘ ହିଁ ଦୀର୍ଘକାଳରେ ସମ୍ମାନ ପାଏ। ଆନ୍ଦୋଳନକାରୀମାନେ ମଧ୍ୟ ମନେ ରଖିବା ଦରକାର—ପୁଲିସ ଆପଣଙ୍କ ଶତ୍ରୁ ନୁହେଁ। ପୁଲିସର କାମ ହେଉଛି ଆଇନଶୃଙ୍ଖଳା ରକ୍ଷା କରିବା, ସାଧାରଣ ଲୋକଙ୍କ ସୁରକ୍ଷା ଦେବା ଓ ସମସ୍ତଙ୍କ ଅଧିକାରକୁ ସୁରକ୍ଷିତ ରଖିବା। ଆନ୍ଦୋଳନ ସମୟରେ ଯଦି ପୁଲିସ ଉପରେ ଆକ୍ରମଣ ହୁଏ, ତେବେ ଏହା କେବଳ ଜଣେ କର୍ମଚାରୀ ଉପରେ ଆକ୍ରମଣ ନୁହେଁ; ଏହା ଆଇନର ପ୍ରତିନିଧିତ୍ୱ କରୁଥିବା ବ୍ୟବସ୍ଥା ଉପରେ ଆକ୍ରମଣ। ସେହିପରି ଆଇନଶୃଙ୍ଖଳା ବାହିନୀର ମଧ୍ୟ ଦାୟିତ୍ୱ ରହିଛି—ପ୍ରତ୍ୟେକ ଆନ୍ଦୋଳନକାରୀଙ୍କୁ ଅପରାଧୀ ଭାବେ ନ ଦେଖି, ଶାନ୍ତିପୂର୍ଣ୍ଣ ଦାବି ଓ ହିଂସ୍ର କାର୍ଯ୍ୟ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ କରିବା। ଆଇନ ତାହାର କାମ କରିବ, କିନ୍ତୁ ଆଇନର ପ୍ରୟୋଗ ମଧ୍ୟ ନ୍ୟାୟସଙ୍ଗତ, ନିଷ୍ପକ୍ଷ ଓ ପ୍ରମାଣଭିତ୍ତିକ ହେବା ଦରକାର। ଯିଏ ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରିଛି, ଯିଏ ହିଂସା କରିଛି, ତାଙ୍କ ବିରୋଧରେ ଆଇନ ଅନୁସାରେ ପଦକ୍ଷେପ ନିଆଯିବା ଦରକାର; କିନ୍ତୁ ଯିଏ ଶାନ୍ତିପୂର୍ଣ୍ଣ ଭାବେ ନିଜ ଦାବି ରଖିଛି, ତାଙ୍କୁ ସେହି ହିଂସାର ଦୋଷରେ ଦୋଷୀ କରିବା ମଧ୍ୟ ଠିକ୍ ନୁହେଁ। ଏହି ସନ୍ତୁଳନ ହିଁ ଗଣତନ୍ତ୍ରର ପରିଚୟ। ସରକାରଙ୍କ ଭୂମିକା ମଧ୍ୟ ଏଠାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଚାଳକମାନଙ୍କ ଭାଡ଼ା, କମିଶନ, କାର୍ଯ୍ୟସମୟ, ବୀମା, ଋଣ, ଯାତ୍ରୀ ସୁରକ୍ଷା, ପ୍ଲାଟଫର୍ମ କମ୍ପାନୀର ନୀତି କିମ୍ବା ଅନ୍ୟ କୌଣସି ଯଥାର୍ଥ ସମସ୍ୟା ରହିଛି, ତେବେ ସେଗୁଡ଼ିକୁ ନେଇ ନିୟମିତ ସଂଳାପର ଏକ ସ୍ଥାୟୀ ବ୍ୟବସ୍ଥା ହେବା ଦରକାର। ଆନ୍ଦୋଳନ ହେଲେ ମାତ୍ର ସରକାର ଶୁଣିବେ—ଏପରି ପରିସ୍ଥିତି ମଧ୍ୟ ଗଣତନ୍ତ୍ର ପାଇଁ ସୁସ୍ଥ ନୁହେଁ। ଚାଳକ, ଯାତ୍ରୀ, ପ୍ଲାଟଫର୍ମ, ପୁଲିସ, ପରିବହନ ବିଭାଗ ଓ ସରକାର—ସମସ୍ତ ପକ୍ଷ ଏକାଠି ବସି ନିୟମିତ ଆଲୋଚନା କଲେ ଅନେକ ବିବାଦ ରାସ୍ତାକୁ ଆସିବା ପୂର୍ବରୁ ସମାଧାନ ହୋଇପାରିବ। ଏଠାରେ ଆମ ସମାଜର ମଧ୍ୟ ଏକ ଦାୟିତ୍ୱ ରହିଛି। ଆମେ ଯେତେବେଳେ ଅନଲାଇନ୍ ଟ୍ୟାକ୍ସି ବ୍ୟବହାର କରୁଛୁ, ସେତେବେଳେ ଗାଡ଼ି ଚଳାଉଥିବା ମଣିଷଟିଙ୍କୁ କେବଳ "ଡ୍ରାଇଭର" ଭାବେ ନୁହେଁ, ଜଣେ ଶ୍ରମଜୀବୀ ମଣିଷ ଭାବେ ଦେଖିବା ଦରକାର। ସେ ମଧ୍ୟ ଆମ ପରି ଜଣେ ପିତା, ଜଣେ ପୁଅ, ଜଣେ ସ୍ୱାମୀ, ଜଣେ ଭାଇ କିମ୍ବା ଜଣେ ପରିବାରର ଭରସା। ସେ ଯେତେବେଳେ ଦୀର୍ଘ ସମୟ ଗାଡ଼ି ଚଳାନ୍ତି, ତାଙ୍କ ଶରୀର ଓ ମନ ଉପରେ ମଧ୍ୟ ଚାପ ପଡ଼େ। ତାଙ୍କ ଆୟର ନ୍ୟାୟସଙ୍ଗତତା, କାର୍ଯ୍ୟସ୍ଥଳର ସୁରକ୍ଷା ଓ ମାନବୀୟ ସମ୍ମାନ ନେଇ ଚିନ୍ତା କରିବା ଦରକାର। କିନ୍ତୁ ଏହି ସମ୍ମାନର ଅର୍ଥ ଏହା ନୁହେଁ ଯେ ତାଙ୍କ ପକ୍ଷରୁ ଆଇନ ଭଙ୍ଗ ହେଲେ ତାହାକୁ ମଧ୍ୟ ନ୍ୟାୟସଙ୍ଗତ କୁହାଯିବ। ଅଧିକାର ଓ ଦାୟିତ୍ୱ ଏକାସାଙ୍ଗେ ଚାଲେ। ଆମେ ଯଦି ନିଜ ଅଧିକାର ଚାହୁଁ, ତେବେ ଅନ୍ୟର ଅଧିକାରକୁ ମଧ୍ୟ ସମ୍ମାନ କରିବାକୁ ହେବ। ଏହା ଗଣତନ୍ତ୍ରର ସର୍ବନିମ୍ନ ଶିକ୍ଷା। ଆଜିର ପିଢ଼ିକୁ ମଧ୍ୟ ଆମେ ଏହି ବାର୍ତ୍ତା ଦେବା ଦରକାର—କ୍ରୋଧ ସ୍ୱାଭାବିକ, କିନ୍ତୁ କ୍ରୋଧର ନାମ ହିଂସା ନୁହେଁ। ଅସନ୍ତୋଷ ସ୍ୱାଭାବିକ, କିନ୍ତୁ ଅସନ୍ତୋଷର ନାମ ଭଙ୍ଗାରୁଜା ନୁହେଁ। ଦାବି ରଖିବା ସ୍ୱାଭାବିକ, କିନ୍ତୁ ଦାବିର ନାମ ଅନ୍ୟ ନାଗରିକଙ୍କ ଜୀବନକୁ ବନ୍ଦୀ କରିବା ନୁହେଁ। ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ହେଉଛି—ଆମେ ଅସହମତ ହୋଇପାରୁ, କିନ୍ତୁ ଏକାପରକୁ ଶତ୍ରୁ କରିବା ଦରକାର ନାହିଁ।

# ଶ୍ରୀଜଗନ୍ନାଥଙ୍କ ଝୁଲଣ ଯାତ୍ରା ଓ ଶ୍ରାବଣ ପୂର୍ଣ୍ଣିମା

ନିହାରଞ୍ଜନ ଦାସ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରଧାନ ଦ୍ୱାଦଶ ଯାତ୍ରାର ଅନ୍ତର୍ଭୁକ୍ତ ନହେଲେ ମଧ୍ୟ ଶ୍ରାବଣ ମାସର ଝୁଲଣ ଯାତ୍ରା ଏବଂ ବଳଭଦ୍ର ଜନ୍ମୋତ୍ସବ ଏକ ପ୍ରଧାନ ଉତ୍ସବ । ଏହା ୨୭ ଉପଯାତ୍ରା ମଧ୍ୟରୁ ଗୋଟିଏ ଯାତ୍ରା । ଏହି ଯାତ୍ରା ଶ୍ରାବଣ ମାସ ଶୁକ୍ଳ ପକ୍ଷ ଦଶମୀ ଠାରୁ ଭାଦ୍ରବ ମାସ କୃଷ୍ଣ ପ୍ରତିପଦା ଯାଏଁ ସାତ ଦିନ ଧରି ପାଳିତ ହୋଇଥାଏ ।

ଜୟ ଜୟ ଜଗନ୍ନାଥ ଦୂରିତ ହର
ନ ଜାଣନ୍ତି ତୁମ୍ଭ ଚାରୁ ଚରିତ ହର
କଳିତ କର ରଥାଙ୍ଗ ପଦ ଅମ୍ବୁଜ
ଶ୍ରୀମୁଖ କାନ୍ତି ନିନ୍ଦିତ ଜମ୍ବୁ ଅମ୍ବୁଜ

ଯାହାଙ୍କ ଲୀଳା ମାଧୁରୀକୁ ସ୍ୱୟଂ ହର, ବ୍ରହ୍ମା ଇନ୍ଦ୍ର ଭେଦି ପାରି ନାହାଁନ୍ତି, ଛାର ମନୁଷ୍ୟ ତାହା ବୁଝିବେ କିପରି ? କେବଳ ତାଙ୍କରି ସହ ଯୋଡ଼ି ହେଇ ଆନନ୍ଦରେ ବଞ୍ଚିବାର ପ୍ରୟାସ କ୍ଷ ଯାହା କଲେ ପ୍ରଭୁ ଖୁସି ହେବେ ଜୀବ ତାହା ହିଁ କରିଚାଲେ ।

ନିତ୍ୟୋତ୍ସବ ନିତ୍ୟ ସୌଖ୍ୟ
ନିତ୍ୟ ଶ୍ରୀ ନିତ୍ୟ ମଙ୍ଗଳ

ସବୁଦିନ ସେଇଥିପାଇଁ ମହାପ୍ରଭୂଙ୍କର ବିଭିନ୍ନ ଯାତ୍ରା, ବିଭିନ୍ନ ବେଶ ଓ ବିଭିନ୍ନ ପର୍ବ ପର୍ବାଣୀ ।

ନିଳାଦ୍ରୀ ମହୋଦୟଙ୍କ ବର୍ଣ୍ଣନା ଅନୁସାରେ ଶ୍ରାବଣ ମାସରେ ଅମାବାସ୍ୟା ଦିନ ବିଶ୍ୱାବସୁ ଓ ବିଦ୍ୟାପତି ବଂଶଜ ସେବକମାନେ ସ୍ୱର୍ଣ୍ଣ ନିର୍ମିତ ଅଳଙ୍କାର (ସୁନା ଚିତା) ମହାପ୍ରଭୁଙ୍କୁ ଲାଗି କରିଥାନ୍ତି । ତା ପରେ ପ୍ରଭୁଙ୍କ ପୂର୍ଣ୍ଣମା ପୂଜାବିଧିର ବର୍ଣ୍ଣନା ଆସେ କ୍ଷ ଶ୍ରୀଚୈତନ୍ୟ ତଥା ଗୌଡ଼ୀୟ ସମ୍ପ୍ରଦାୟର ରାଧାକୃଷ୍ଣ ହେଉଛନ୍ତି ଉପାସ୍ୟ । ସେଥିପାଇଁ ଶ୍ରୀକୃଷ୍ଣ ଗୋପରେ ଥିବା ବେଳେ କରିଥିବା ରାସକୁ ସେମାନେ ଶ୍ରୀମନ୍ଦିରରେ ପ୍ରଚଳନ କରିଛନ୍ତି।ଗୌଡ଼ୀୟମାନଙ୍କ ପ୍ରଭାବ ସମ୍ପର୍କରେ ଏହି ଯାତ୍ରା ସୂଚନା ଦେଉଛି ।

ଏହି ଯାତ୍ରାରେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ଝୁଲଣକୁଞ୍ଜରେ ପରିଣତ ହୋଇଥାଏ । ବିଭିନ୍ନ ପଶୁପକ୍ଷୀ, ଜୀବଜନ୍ତୁଙ୍କ ପ୍ରତିକୃତିରେ ସୁସଜ୍ଜିତ ହୋଇଛି ଏହି ଝୁଲଣକୁଞ୍ଜ। ଶ୍ରୀ ମହାପ୍ରଭୁ ଙ୍କ ଆଜ୍ଞା ପାଇ ମଦନମୋହନ, ଶ୍ରୀ ଦେବୀ ଓ ଭୂଦେବୀ ଝୁଲଣରେ ବିଜେ ହୋଇ ଝୁଲଣକୁଞ୍ଜରେ ସଖୀ, ସହଚରୀଙ୍କ ସହ ଦୋଳି ଖେଳିଥାନ୍ତି।

ପରମ୍ପରା ଅନୁଯାୟୀ, ଶ୍ରାବଣ ଶୁକ୍ଳ ଦଶମୀ ଦିନ ମଧ୍ୟାହ୍ନ ଧୂପ ପରେ ମଇଲମ ହେବାପରେ ପାଳିଆ ମେକାପ ଘଟୁଆରୀ ନେଇଥିବା ଭଣ୍ଡାର ଘରର ତିନିଟି ରୂପା ସରାରେ ଚନ୍ଦନ ନେଇ ପାଳିଆ ପୁଷ୍ପାଳକଙ୍କୁ ଦିଅନ୍ତି କ୍ଷ ପୁଷ୍ପାଳକ ମାନେ ତିନି ଠାକୁରଙ୍କୁ ସର୍ବାଙ୍ଗ ଲାଗିକରି ବେଶ ବଢାନ୍ତି କ୍ଷ ଏହି ବେଶ ପାଇଁ ଭଣ୍ଡାର ମେକାପ ଅଳଙ୍କାର ଯୋଗାଇ ଥାଆନ୍ତି। ମନ୍ଦିର କୋଠରୁ ମାଣ୍ଡୁଅ ଓ ଅନ୍ୟାନ୍ୟ ଜିନିଷ ମାନ ଯୋଗା ଯାଇଥାଏ।ଏହି ନୀତି ପାଇଁ ପ୍ରାୟ ୧୫ ରୁ ଊର୍ଦ୍ଧରେ ସେବକଙ୍କର ଆବଶ୍ୟକତା ପଡିଥାଏ। ପୁରାଣ ବର୍ଣ୍ଣିତ କଥା ଅନୁଯାୟୀ, ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ବୃନ୍ଦାବନରେ ବାସ କରୁଥିଲେ। ବର୍ଷାକାଳରେ ଗୋପାଙ୍ଗନାମାନେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କୁ ଯମୁନା କୁଞ୍ଜରେ ଦୋଳିରେ ବସାଇ ଝୁଲାଉଥିଲେ। ଏଥିରେ କେବଳ ରାଧା-କୃଷ୍ଣ ନୁହନ୍ତି, ଗୋପାଙ୍ଗନାମାନେ ମଧ୍ୟ ଆନନ୍ଦ ପାଉଥିଲେ। ବର୍ଷାକାଳରେ ହେଉଥିବା ଏହି ରାସକୁ ପ୍ରାବୃତରାସ ବୋଲି କୁହାଯାଇଥାଏ। ଏହି ରାସର ସ୍ମରଣରେ କାହିଁ କେଉଁ କାଳରୁ ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ପାଳିତ ହୋଇ ଆସୁଛି।

ଝୁଲଣର ପ୍ରଥମ ଦିନ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଭିତର ଗମ୍ଭୀରରେ ପାଣି ପଡି ଧୁଆ ଯିବା ପରେ ଖୁଣ୍ଟିଆ ପୁଷ୍ପାଳକ ଙ୍କୁ ଡାକିଥାନ୍ତି। ଏହି ସମୟରେ ଗରାବଡୁ ସେବକଙ୍କ ଠାରୁ ହାତୁଆଣୀ ନେଇ ପୁଷ୍ପାଳକ ସେବକମାନେ ଶ୍ରୀ ଜୀଉମାନ ଙ୍କ ମଇଲମ କରିଥାନ୍ତି । ପାଳିଆ ମେକାପ ତିନୋଟି ରୂପା ଗିନାରେ ଘଟୁଆରୀ ସେବକ ଦେଇଥିବା ଚନ୍ଦନ କୁ ନେଇ ପାଳିଆ ପୁଷ୍ପାଳକଙ୍କୁ ବଢ଼ାଇଥାନ୍ତି। ତିନି ବାଡ଼ରେ ସର୍ବାଙ୍ଗ ଚନ୍ଦନ ଲାଗି କଲାପରେ ଶ୍ରୀଜୀଉମାନଙ୍କ ବେଶ ବଢିଥାଏ। ଏହି ଦିନ ଏହି ସମୟରେ ସେବକମାନେ ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀ ଙ୍କୁ ଦକ୍ଷିଣୀ ଘର ପ୍ରାଙ୍ଗଣ ରେ ଖଟଶେଜ ମେକାପ ପକାଇଥିବା ଶେଜ ଉପରେ ବିଜେ କରାନ୍ତି ଓ ଦକ୍ଷିଣୀ ଘରୁ ମଦନମୋହନଙ୍କୁ ଆଣି ଏହାଙ୍କ ବିଜେ କରାନ୍ତି। ଏହିଠାରେ ୩ଦିଅଁଙ୍କ ବେଶ ମହାଜନ ସେବାୟତ କରିଥାନ୍ତି। ଏହାପରେ ପୂଜାପଣ୍ଡା ସେବକ ତିନି ଗୋଟି ସରା ରେ ତିନି ଗୋଟି ମାଣ୍ଡୁଅ ସର୍ପାମଣୋହି ପୂର୍ବକ ଭୋଗ କରିଥାନ୍ତି। ଏହାପରେ ଦକ୍ଷିଣୀ ଘରେ ବିରାଜିତ ସମସ୍ତ ଚଳନ୍ତି ପ୍ରତିମାଙ୍କ ଭୋଗ ହୋଇଥାଏ। ତତ୍ପରେ ଛାମୁ ଦିହୁଡ଼ି ସହ ଶ୍ରୀଦେବୀ , ଭୂଦେବୀ ଓ ମଦନମୋହନ ରତ୍ନସିଂହାସନ ବିଜେ କରିଥାନ୍ତି ସେଠାରେ ପୁଷ୍ପାଳକ ସେବକମାନେ ତିନି ବାଡ଼ରେ କର୍ପୁର ଲାଗି କରିବା ପରେ ସିଂହାସନ ରୁ ଓଲହାଇ ତିନି ବାଡରେ ସାନ୍ଧ୍ୟ ଆଳତି କରିଥାନ୍ତି। ଏହାପରେ ଜଣୈକ ପୂଜାପଣ୍ଡା ସେବକ ହାତୁଆଣି ନେଇ ମହାପ୍ରଭୁଙ୍କ ଦକ୍ଷିଣ ଭୁଜରୁ ଆଜ୍ଞାମାଳ ନେଇ ଶ୍ରୀ ମଦନମୋହନଙ୍କୁ ଓ ଉତ୍ତର ଭୁଜର ଦୁଇ ଆଜ୍ଞାମାଳ ଭୂଦେବୀ ଓ ଶ୍ରୀଦେବୀ ଙ୍କୁ ଲାଗି କରିଥାନ୍ତି। ତତ୍ପରେ ଛାମୁ ଦିହୁଡ଼ି ସହ ମହାଜନ ସେବକମାନେ ତିନି ଚଳନ୍ତି ପ୍ରତିମାଙ୍କୁ ହସ୍ତରେ ବିଜେ କରାଇ ଜଗମୋହନ , ବଟ ଦ୍ୱାର ଦେଇ ଝୁଲଣ ମଣ୍ଡପ ଦୋଳି ଉପରେ ବିଜେ କରାନ୍ତି। ଏଠାରେ ବିଡ଼ିଆ ମଣୋହି ହୋଇଥାଏ। ଭିତରେ ସନ୍ଧ୍ୟାଧୂପ ବଢ଼ିବା ପରେ ଝୁଲଣ ମଣ୍ଡପରେ ସୁଦୁ ସୁଆର ପାଣି ପକାଇବା ପରେ ଆସ୍ଥାନ ପ୍ରତିହାରୀ ଟେରା ବାନ୍ଧି ଶୀତଳ ଭୋଗ ପୂଜା ଠା କରିଥାନ୍ତି । ତତ୍ପରେ ପାଳିଆ ପୂଜାପଣ୍ଡା ଆସି ପଞ୍ଚ ଉପଚାର ରେ ପୂଜା କରିଥାନ୍ତି। ଭୋଗ ଶେଷ ହେବା ପରେ ମୁଦିରସ୍ତ ବନ୍ଦାପନା ନୀତି ବଢ଼ାଇଥାନ୍ତି।

ରତ୍ନସିଂହାସନରେ ଶ୍ରୀଜୀଉ ଙ୍କ ଚନ୍ଦନ ଲାଗି ନୀତି ସରିବା ପରେ ଝୁଲଣ କୁଞ୍ଜରେ ମହାଜନ ମାନେ ମଇଲମ କରି ଶ୍ରୀ ମଦନମୋହନ ଙ୍କୁ ଦକ୍ଷିଣୀ ଘର ଓ ଶ୍ରୀଦେବୀ , ଭୂଦେବୀ ଙ୍କୁ ରତ୍ନସିଂହାସନ ବିଜେ କରାଇଥାନ୍ତି। ଏହିପରି ଭାବେ ୭ ଦିନ ବ୍ୟାପି ଝୁଲଣ ଯାତ୍ରା ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥାଏକ୍ଷ

ଅନ୍ତିମ ଦିବସ ବା ପୂର୍ଣ୍ଣିମା ଦିନ ବଳଭଦ୍ରଙ୍କ ଜନ୍ମ ଉତ୍ସବ ଅନୁଷ୍ଠିତ ହୁଏ କ୍ଷ ଏହିଦିନ ଗୋମାତାଙ୍କ ପୁଜା ମଧ୍ୟ ହୁଏ । କିମ୍ବଦନ୍ତୀ ଅନୁସାରେ କୃତ୍ତିକା ଗାଇର ଜ୍ୟେଷ୍ଠ କନ୍ୟା ରୋହିଣୀ ଥରେ ଯମୁନାରେ ଜଳପାନ କରୁଥିଲା ବେଳେ ଜଳରେ ଏକ ଶୁଦ୍ଧ ସ୍ଫଟିକ ବର୍ଣ୍ଣର ଏକ ଭାସମାନ ବିନ୍ଦୁକୁ ପାନ କରି ଥିଲେ କ୍ଷ ସେହି ବିନ୍ଦୁ ଗୋଟିଏ ସନ୍ତାନ ରୂପ ନେଇ ଜନ୍ମ ଲାଭ କରିଥିଲା ।

ଆକାଶର ବାଣୀ ତାକୁ
ଶୁଭେ ଘନଘନ
ପ୍ରତିପାଳ ଆହେ ନନ୍ଦ
ନୁହେଁ କା ନନ୍ଦନ

ନନ୍ଦ ମହାରାଜ ତାର ନାମ ଦେଇଥିଲେ ବଳଭଦ୍ର । ସାରଳା ମହାଭାରତ ଅନୁସାରେ ରୋହିଣୀ ନାମକ ଗାଇ ଠାରୁ ବଳଭଦ୍ର ଜନ୍ମ ହୋଇଥିଲେ ହେଁ ଭାଗବତ ଓ ମହାଭାରତଙ୍କ ମତରେ ବସୁଦେବଙ୍କ ଅନ୍ୟତମ ରାଣୀ ରୋହିଣିଙ୍କ ଗର୍ଭରୁ ବଳଭଦ୍ରଙ୍କ ଜନ୍ମ । ଏହା ଅଧିକ ପ୍ରାମାଣିକ ମନେହୁଏ । ତେବେ ଗୋମାତାଙ୍କ ଠାରୁ ଜନ୍ମ ହୋଇଥିବା ହେତୁ ହେଉ ଅଥବା ବ୍ରଜରେ ରୋରକ୍ଷକ, ଗୋବର୍ଦ୍ଧକ ହୋଇଥିବା ହେତୁ ହେଉ ହଳ ମୂଷଳ ଧାରି ବଳଭଦ୍ରଙ୍କ ଜନ୍ମରେ ଗୋମାତାଙ୍କର ପୂଜନ ହେଇଥାଏ

ଏହି ଜନ୍ମ ତିଥିରେ ଭୋଗ ମଣ୍ଡପରେ ଶ୍ରୀଜିଉ ମାନଙ୍କର ମଇଲମ ଓ ମହାସ୍ନାନ ହୁଏ । ମାଳା ଓ ଅଳଙ୍କାର ଲାଗି ପରେ ବଳଭଦ୍ରଙ୍କ ସମ୍ମୁଖରେ କଳସ ସ୍ଥାପନ ହୁଏ ।

ନାନାଳଙ୍କାର ମାଲ୍ୟାଦି
ନବୀନାମ୍ବର ଦାନତଃ
ବଳଭଦ୍ରାଗ୍ରତୋ ରାଜନ୍
ସ୍ଥାପୟେତ୍ କଳସମ୍ ନବମ୍ ।

ସପ୍ତ ଚିରଞ୍ଜିବୀ ଙ୍କ ସହ ଷଷ୍ଠୀ ଦେବୀ ତିଥି, ବାର, ରାଶି ନକ୍ଷତ୍ର ଓ ସପ୍ତର୍ଷି ମାନଙ୍କର ପୁଜା କରାଯାଏ କ୍ଷ ମଧ୍ୟାହ୍ନ ଧୂପ ସହିତ ଯାତ୍ରାଙ୍ଗୀ ଭୋଗ ଷୋଡ଼ଶ ଉପଚାର ରେ ହୋଇଥାଏ କ୍ଷ ତିନି ଠାକୁରଙ୍କୁ ବନ୍ଦାପନା ପରେ ମଦନମୋହନ ଶ୍ରୀଦେବୀ ଭୂଦେବୀ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପକୁ ବିଜେ କରନ୍ତି ।

ମାର୍କଣ୍ଡେଶ୍ୱର ପୁଷ୍କରିଣୀ ନିକଟ ମଣ୍ଡପରେ ସୁଦର୍ଶନ ରାମ ବିଜେ ହେଲାପରେ ବଳଭଦ୍ର ଜନ୍ମ ନୀତି ଆରମ୍ଭ ହୁଏ। ମାଟିରେ ସପ୍ତଫେଣୀ ଯୁକ୍ତ ବଳଭଦ୍ର ପ୍ରତିମା ନିର୍ମାଣ ହୁଏ । ଜୀବନ୍ୟାସ ଆଦି ସଂସ୍କାର କରାଯାଇ ପୂଜାପଣ୍ଡା ପାଞ୍ଚଉପଚାର ରେ ଶୀତଳ ମଣୋହୀ କରନ୍ତି । ଜନ୍ମ ବନ୍ଦାପନା କରାଯାଇ ବଳଭଦ୍ରଙ୍କ ମାଟିର ପ୍ରତିମାକୁ ବିସର୍ଜନ କରାଯାଏ । ସୁଦର୍ଶନ ରାମଙ୍କୁ ଅଙ୍ଗିରାଶ୍ରମ, ଉଗ୍ରସେନ ଭେଟ, କଣ୍ଠୁ ଆଶ୍ରମକୁ ନେଇ ପୁଜା ଓ ବନ୍ଦାପନା କରି ନଗର ଭ୍ରମଣ ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରାଯାଏ । ରତ୍ନସିଂହାସନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମହାସ୍ନାନ କରାଯାଇ ସନ୍ଧ୍ୟା ଆଳତି କରାଯାଏ ।

କିଆପଦା,ଯାଜପୁର

# ସିନେ ପରଦାରେ ଯୁଦ୍ଧ କାହାଣୀ

ଡାକ୍ତର ଶୁଭଶ୍ରୀ ମିଶ୍ର

ସମଗ୍ର ବିଶ୍ୱରେ ଏକ ପ୍ରକାର ଯୁଦ୍ଧମୁହାଁ ଭୟାନକ ବିଭୀଷିକା ଆଡ଼କୁ ମଧ୍ୟ ପ୍ରାଚୀର ଯୁଦ୍ଧ ବିଶ୍ୱ ଅର୍ଥନୀତି ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। ଆଜି ବିଶ୍ୱର ପ୍ରତିଟି ଘରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଯୁଦ୍ଧ ଅର୍ଥନୀତି କାଳରାକ୍ଷାସ ପରି ଏ ସବୁ ଭିତରେ କିନ୍ତୁ ସମଗ୍ର ପୃଥିବୀରେ ଯୁଦ୍ଧ ଚଳଚ୍ଚିତ୍ର ପ୍ରତି ଦର୍ଶକଙ୍କ ଆଗ୍ରହ ଯୁବପିଢ଼ୀ ଠାରୁ ବୟସ୍କବର୍ଗଙ୍କ ସମସ୍ତଙ୍କ ଭିତରେ ରହିଛି ଏହି ଯୁଦ୍ଧ ସିନେମା ଭିତରେ ପ୍ରସଙ୍ଗ ଗୁଡ଼ିକ ଦେଶ ମାତୃପ୍ରେମ, ଅପୂର୍ବ ବୀର ସାହାସିକତା, ଭଲ ପାଇବା ଏବଂ ଯୁଦ୍ଧ ସମୟରେ ବଳୀଦାନ, ନିଜ ଆତ୍ମୀୟଙ୍କୁ ହରାଇ କିପରି ଜୀବନର ମୁହୂର୍ତ୍ତ ବଦଳିଯାଏ ଏସବୁକୁ ନେଇ ଅନେକ ସିନେମା ମୁକ୍ତିଲାଭ କରିଛି ଏବଂ ଦର୍ଶକୀୟ ଆଦୃତି ସହିତ ଭଲ ରକମର ଅର୍ଥ ରୋଜଗାର ମଧ୍ୟ କରିଛି। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ଘଟଣାବଳୀକୁ ନେଇ ୧୯୯୭ରେ ବିଖ୍ୟାତ ନିର୍ଦ୍ଦେଶକ ଜେ.ପି.ଦତ୍ତା ତିଆରି କରିଥିଲେ ସିନେମା 'ବର୍ଡ଼ର'। ସେ ସମୟର ତିନି ସୁପରଷ୍ଟାର ଯଥା ସନ୍ନି ଦିଓଲ, ଜ୍ୟାକି ଶ୍ରଫ, ସୁନୀଲ ସେଟ୍ଟୀ ପ୍ରମୁଖ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଛନ୍ତି। ସେ ସମୟରେ ଏହି ସିନେମା ବ୍ଲକବଷ୍ଟର ମର୍ଯ୍ୟାଦା ପାଇଥିଲା। ବଡ଼ଖୁସିର କଥା ଏବେ ବି ଅନେକ ସିନେମା ହଲରେ ସ୍ୱଳ୍ପ ସମୟ ପାଇଁ ହେଲେ ମଧ୍ୟ ବର୍ଡ଼ର ସିନେମା ଚାଲୁଛି।

ଏହାପରେ ଯଦିଓ ଟିକେ ବିଳମ୍ବ ହୋଇଯାଇଥିଲା ସେ ସମୟର ବଡ଼ ଚର୍ଚ୍ଚିତ ୧୯୯୯ର କାର୍ଗିଲ ଯୁଦ୍ଧକୁ ନେଇ ୨୦୦୩ରେ ମୁକ୍ତିଲାଭ କରିଥିଲା 'ଏଲଓସି କାର୍ଗିଲ'। ଏହି ସିନେମାରେ କାର୍ଗିଲ ଯୁଦ୍ଧର ବିଭିନ୍ନ ଦିଗ ବିଶେଷକରି ଆମ ବୀର ଯବାନଙ୍କର ପରାକ୍ରମୀ କୌଶଳପୂର୍ଣ୍ଣ ଅଭିଯାନ ଏବଂ ବଳୀଦାନ ଅତି ନିଖୁଣ ଭାବରେ ପ୍ରଦର୍ଶିତ ହୋଇଥିଲା। କହିବାକୁଗଲେ ବିଭିନ୍ନ ଭୂମିକାରେ ଅଜୟ ଦେବଗନ, ସଞ୍ଜୟ ଦତ, ଅଭିଶେକ ବଚ୍ଚନ, ସୁନୀଲ ସେଟ୍ଟୀ ଓ ଶୈଫଅଲ୍ଲି ଖାଁ ଅତି ଜୀବନ୍ତ ଅଭିନୟ କରିଥିଲେ। ଯେ.ପି. ଦତ୍ତାଙ୍କ ନିର୍ଦ୍ଦେଶିତ ଏହି ସିନେମା ଆଶାତୀତ ସଫଳତା ମଧ୍ୟ ପାଇଥିଲା। ସେହିବର୍ଷ ନିର୍ମାତା ଫରହାନ ଅଖତର 'ଲକ୍ଷ୍ୟ'ସିନେମା ପ୍ରସ୍ତୁତ କରିଥିଲେ। ଏଥିରେ ରତ୍ୱିକ ରୋଶନ ଓ ପ୍ରୀତି ଜିଣ୍ଟା ଅତି ଆକର୍ଷଣୀୟ ଭୂମିକା ନିର୍ବାହ କରିଥିଲେ। ସିନେମାର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସାଧାରଣ ଜୀବନ ଜୀଉଁଥିବା ଜଣେ ନିକମା ବା ଅଳସୁଆ ଯୁବକ ଜୀବନରେ କିପରି ସେନାବାହିନୀରେ ସାମିଲ ହୋଇ ଆତଙ୍କବାଦୀଙ୍କ ବିରୁଦ୍ଧରେ ସଂଗ୍ରାମ କରିବା ଭିତରେ ନିଜେ ନିଜ ଜୀବନକୁ ବଦଳାଇ ପାରୁଛି।

ଏହାପରେ ୨୦୦୬ ମସିହାରେ ୧୯୭୧ ମସିହାର ଭାରତ-ପାକିସ୍ତାନ ଯୁଦ୍ଧବନ୍ଦୀ ବିଶେଷକରି ପାକିସ୍ତାନଙ୍କ ହାତରେ ପଡୁଥିବା ଭାରତୀୟ ମାନଙ୍କ ଅକଥନୀୟ ଯନ୍ତ୍ରଣାର କାହାଣୀକୁ ନେଇ ସିନେମାଟି ପ୍ରସ୍ତୁତ ହୋଇଥିଲା '୧୯୭୧' ନାମରେ। ଅମୃତ ସାଗର ନିର୍ଦ୍ଦେଶିତ ଏହି ସିନେମାରେ ମନୋଜ ବାଜପେୟୀ ଓ ରବି କିଶନ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ତେବେ ଏହାପରେ ବିଗ୍ ବଜେଟର ଭଲ ଆୟକାରୀ ସିନେମା ଭାବେ ୨୦୧୯ରେ ମୁକ୍ତିଲାଭ କରିଥିବା ସିନେମାଟି ଥିଲା 'ଉରି ଦ ସର୍ଜିକାଲ ଷ୍ଟ୍ରାଇକ'। ଭେଟେରାନ ଷ୍ଟାର ଭିକି କୌଶଲ ଅଭିନୀତ ଏହି ସିନେମାଟି ୨୦୧୬ ମସିହାର ଭୟାବହ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ଭାବରେ ଯେଉଁ ସର୍ଜିକାଲ ଷ୍ଟ୍ରାଇକ ସଂଗଠିତ ହୋଇଥିଲା ଏହାକୁ ହିଁ ନେଇ ସିନେମାଟି ଗତିଶୀଳ। ୨୦୨୧ରେ ମୁକ୍ତିଲାଭ କରିଥିଲା ୧୯୭୧ ମସିହାର ଜଣେ ଭାରତୀୟ ବାୟସେନାର ସ୍କ୍ୱାର୍ଡ଼ନ ଲିଡର ବିଜୟ କର୍ଣ୍ଣିକଙ୍କ ଅମାପ ଆତ୍ମ ବଳୀଦାନର କାହାଣୀ। 'ଭୁଜ ଦ ପ୍ରାଇଡ ଅଫ ଇଣ୍ଡିଆ' ନାମରେ ନିର୍ମିତ ଏହି ସିନେମାରେ ଅଜୟ ଦେବଗନ, ସଞ୍ଜୟ ଦତ୍ତ, ସୋନାକ୍ଷୀ ସିହ୍ନା ଓ ନୋରା ଫତେହୀ ଅତି ବାସ୍ତବଧର୍ମୀ ନିଖୁଣ ଅଭିନୟ କରିଥିଲେ। ଏହି ସିନେମାଟି ବିଭିନ୍ନ ପ୍ରାନ୍ତୀୟ ଭାଷାରେ ପରବର୍ତ୍ତୀ ସମୟରେ ମଧ୍ୟ ମୁକ୍ତିଲାଭ କରିଥିଲା। ୨୦୨୧ ମସିହାରେ କାର୍ଗିଲ ଯୁଦ୍ଧ ଘଟଣା ଭିତରେ ଆମ ବୀର ସେନା କ୍ୟାପଟେନ ବିକ୍ରମ ବାତ୍ରାଙ୍କ ଅମାପ ଦେଶପ୍ରେମ ଓ ଜୀବନୀକୁ ନେଇ ସିନେମା ଆସିଥିଲା 'ଶେରଶାହା'। ନବାଗତ ହୋଇ ମଧ୍ୟ ଏହି ସିନେମାରେ ବିକ୍ରମ ବାତ୍ରାଙ୍କ ଭୂମିକାରେ ସିଦ୍ଧାର୍ଥ ମଲହୋତ୍ରା ଏବଂ ନାୟିକା ଭୂମିକାରେ କିଆରା ଆଡ଼ଭାନୀ ଚମତ୍କାର ଅଭିନୟ କରିଥଲେ। ବିଷ୍ଣୁବର୍ଦ୍ଧନ ନିର୍ଦ୍ଦେଶିତ ଏହି ସିନେମା ବିଗ୍ ବଜେଟର ହୋଇଥିଲେ ମଧ୍ୟ ଏହା କିନ୍ତୁ ଆଶାନୁରୂପ ଅର୍ଥ ଲାଭ କରିନଥିଲା।

ପୂର୍ବପରି ଆଉ ଯୁଦ୍ଧ ଘଟଣାକୁନେଇ ସିନେମା ପ୍ରାୟତଃ ଆସୁନାହିଁ। ୟୁଟ୍ୟୁବରେ ସର୍ଟ ଫିଲ୍ମ ଓ ବିଶେଷକରି ଆନିମେଟେଡ଼ ତଥା ଏଆଇ ସିନେମା ଯୁଦ୍ଧ ସିନେମାର ଆଗ୍ରହକୁ କମାଇ ଦେଉଛି। ଅଧିକ ଟଙ୍କା ଖର୍ଚ୍ଚ କରି ସେଟ ପ୍ରସ୍ତୁତ ଓ ଆନୁସଙ୍ଗିକ ବ୍ୟୟବୋଝ ଉଭୟ ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କୁ ନିରୁତ୍ସାହିତ କରୁଛି। ତେବେ ଏସବୁ ଭିତରେ ଭାରତୀୟ ଯୁଦ୍ଧ ସିନେମା ପ୍ରତିଟି ଭାରତୀୟ ଚେତନା ଯୁବଶକ୍ତି ଓ ଦେଶପ୍ରେମ ପାଇଁ ଅମାପ ଦିଗଦର୍ଶନ ଦେଉଥିବ ଚିରକାଳ ପାଇଁ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,ଦୂରଭାଷ : ୯୮୬୧୪୬୩୪୦୬

# ଶିଶୁକୁ ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ କରନ୍ତୁ ନାହିଁ

ଡକ୍ଟର ସୁରେଶ କୁମାର ନାୟକ

ଆଜିର ଏହି ବ୍ୟସ୍ତ ବହୁଳ ଜୀବନରେ ଅଧିକାଂଶ ପରିବାରରେ ସ୍ୱାମୀ ସ୍ତ୍ରୀ ଉଭୟ ଚାକିରି କରୁଛନ୍ତି । ଅପରପକ୍ଷେ ଏଥିଲାଗି ସେମାନଙ୍କୁ ଜନ୍ମ ସ୍ଥାନଠାରୁ ଦୂରରେ ସହରାଞ୍ଚଳ ବା ଦୂରସ୍ଥାନରେ ବସବାସ କରିବାକୁ ପଡୁଛି । ଫଳରେ ସେମାନେ କର୍ମକ୍ଷେତ୍ରକୁ ଚାଲିଯିବା ପରେ ପିଲାମାନେ ଏକା ଘରେ ରହିଥାନ୍ତି । ପିଲାଙ୍କ ଲାଳନ ପାଳନ ପାଇଁ ଆୟା ନିଯୁକ୍ତ ହୁଅନ୍ତି । ଅନେକ ପରିବାରରେ ପିଲାଙ୍କୁ ଦିବା ଶିଶୁ ଆଶ୍ରୟ ସ୍ଥଳରେ ଛଡ଼ାଯାଏ । ଏହା ଉପରେ ଅଭିଭାବକମାନେ ମତ ଦିଅନ୍ତି; ପିଲା ଅଧିକ ଚାଲାକ ଚତୁର ହୋଇଥାନ୍ତି । ଅପରପକ୍ଷେ ବୟସ୍କ ବ୍ୟକ୍ତିମାନେ ଏହାକୁ ନାପସନ୍ଦ କରିଥାନ୍ତି । ସେମାନଙ୍କ ମତରେ ପିଲା ନିଜ ପରିବାରବର୍ଗଙ୍କ ସହ ରହିବା ଦ୍ୱାରା ତା ମଧ୍ୟରେ ପାରିବାରିକ ସମ୍ପର୍କ ସ୍ଥାପନ ହୁଏ ।

ଘର ଲୋକଙ୍କ ସ୍ନେହ, ମମତାର ଛାୟାରେ ବଢ଼ିବା ଦ୍ୱାରା ପିଲାଙ୍କ ମଧ୍ୟରେ ସୌହାର୍ଦ୍ଦ ବୃଦ୍ଧି ପାଏ । ମନସ୍ତତ୍ତ୍ୱବିତ୍ ଓ ଶିଶୁ ବିଶେଷଜ୍ଞମାନେ ମଧ୍ୟ କୁହନ୍ତି ଶିଶୁ ପରିବାର ମଧ୍ୟରେ ବଢ଼ିଲେ, ପରିବାର ବର୍ଗଙ୍କ ସହ ସମୟ ଅତିବାହିତ କଲେ ତାର ମସ୍ତିଷ୍କ ସଠିକ୍ ଭାବେ ବିକଶିତ ହୁଏ । ସେହି ପିଲାମାନେ ସ୍ନେହି ଓ ବିବେକି ହୋଇଥାନ୍ତି । ଶିଶୁର ଜନ୍ମ ବେଳକୁ ତାର ମସ୍ତିଷ୍କ ପୂର୍ଣ୍ଣ ରୂପେ ଗଠିତ ହୋଇସାରିଥାଏ । ଜନ୍ମର କିଛି ଦିନ ମଧ୍ୟରେ ମସ୍ତିଷ୍କର ବିକାଶ ସମ୍ପୂର୍ଣ୍ଣ ହୋଇଯାଏ । ହେଲେ ଏହା ଉପରେ ଗବେଷଣାରୁ ଜଣାଯାଇଛି ଯେ ଜନ୍ମ ପରେ ମଧ୍ୟ ଏହାର ବିକାଶ କାର୍ଯ୍ୟ ଚାଲୁ ରହିଥାଏ । ମସ୍ତିଷ୍କର ସମୃଦ୍ଧି ପାଇଁ ସାମାଜିକ ଅନୁଭୂତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ତହିଁରେ ଥିବା ସଂଯୋଜନା ପ୍ରକ୍ରିୟାକୁ ସୁଦୃଢ଼ କରେ । ଯାହା ସକାରାତ୍ମକ ହରମୋନ କ୍ଷରଣ ଲାଗି ସାହାଯ୍ୟ କରେ । ତେବେ ପିତା, ମାତା, ପରିବାର ବର୍ଗଙ୍କ ସ୍ନେହ, ସହାନୁଭୂତି ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ଶିଶୁର ମାନସିକ ବିକାଶରେ ପିତାମାତାଙ୍କ ସ୍ନେହ, ମମତା ନିତାନ୍ତ ଅପରିହାର୍ଯ୍ୟ । ଏହି ସ୍ନେହ ପ୍ରେମରୁ ବଞ୍ଚିତ ଅନାଥ ଶିଶୁଙ୍କ ପାଇଁ ସମାଜର ଆଦର ଯତ୍ନ ମିଳିବା ଦରକାର । ନଚେତ୍ ସେମାନେ ଅସାମାଜିକ ହୋଇଥାନ୍ତି ବୋଲି ଗବେଷକ ଗଣ ମତବ୍ୟକ୍ତ କରନ୍ତି ।

ବାପା ମା' ତଥା ପରିବାରଙ୍କ ଦ୍ୱାରା ପ୍ରତିପାଳନ ଶିଶୁର ହୃଦୟକୁ ସୌହାର୍ଦ୍ୟପୂର୍ଣ୍ଣ କରିବାରେ ସହାୟକ ହୁଏ । ପାରିବାରିକ ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ଶିଶୁମାନଙ୍କ ବୁଦ୍ଧିମତା, ସକାରାତ୍ମକ ଭାବପ୍ରବଣତା ଓ ଶାରୀରିକ ଅଭିବୃଦ୍ଧି ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ । ଭଗବାନଙ୍କ ସୃଷ୍ଟିରେ ପିଲାଟି ହେଉଛି ଏକ ଆନନ୍ଦମୟ ଚେତନାର ସ୍ୱରୂପ। ପିଲାଟି ତାର ହେତୁ ପାଇବା ବେଳୁ ଏହା ହିଁ ବୁଝୁ ସତ୍ୟ ହିଁ ଭଗବାନ, ସତ୍ୟମେବ ଜୟତେ। ସତ୍ୟ ହେଉଛି ଜୀବନର ମୌଳିକ ବିଧାନ। ସତ୍ୟ ହିଁ ଅନ୍ତିମ ପନ୍ଥା ଓ ଅନ୍ତିମ ଲକ୍ଷ୍ୟ। ସତ୍ୟ ହିଁ ଧର୍ମପ୍ରାଣତା। ପିଲାମାନଙ୍କର ମାନସିକତା ସେମାନଙ୍କ ଘରୁ ହିଁ ପ୍ରଭାବିତ ହୋଇଥାଏ। ସ୍ନେହ ଶ୍ରଦ୍ଧାରୁ ପିଲାଟି ବଞ୍ଚିତ ହୋଇଯିବା ପରେ ତା ମାନସିକ କ୍ଷେତ୍ରଟି ଅନେକ ଭାବରେ ପ୍ରଭାବିତ ହୋଇଥାଏ। ସ୍ନେହ, ପବିତ୍ରତା ହେଉଛି ଜୀବନର ଅଦ୍ୟନ୍ତ ଅମୃତ ପୂର୍ଣ୍ଣ ଉପଲବ୍ଧି। ଆପଣ ପିଲାଟିକୁ ଏହି ଶିକ୍ଷ ଦିଅନ୍ତୁ ଯେ ପବିତ୍ରତା ହେଉଛି ଭଗବତ ଦର୍ଶନର ଦ୍ୱାର ପଥ ତାହାହିଁ ଭଗବତ ଦର୍ଶନ ମନଙ୍କର ପ୍ରତିଖେଳ। ପିଲାମାନଙ୍କର ପବିତ୍ରତା ହିଁ ଏକ ଶାଶ୍ୱତ ପଥରେ ଗତି କରିବାରେ ଅନୁମତି ପତ୍ର।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨
ର-ଜ୍ଞବସକ୍ଷ : ଶ୍ୱ୨୭୧୧୬୯ଅଶଜ୍ଞବସକ୍ଷ.ମକ୍ଟଜ୍ଞ



# ୯ଟି ଦେଶ ସହ ମୁକ୍ତ ବାଣିଜ୍ୟ ରାଜିନାମା ଆଲୋଚନା

**ନୂଆଦିଲ୍ଲୀ,୨୪।୮(ଏଜେନ୍ସି):** ବିଶ୍ୱ ବାଣିଜ୍ୟର ପ୍ରାୟ ୭୫ ପ୍ରତିଶତକୁ ମୁକ୍ତ ବାଣିଜ୍ୟ ଚୁକ୍ତି ଅଧୀନରେ ଆଣିବା ଲକ୍ଷ୍ୟ ରଖିଛି ଭାରତ। ଏଥିପାଇଁ ଆଉ ୮-୯ଟି ଦେଶ ଗୋଷ୍ଠୀ ଓ ବିଭିନ୍ନ ଦେଶ ସହ ଭାରତ ଆଲୋଚନା କରୁଛି ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ସୋମବାର ଜାପାନରେ ଭାରତ ଓ ଜାପାନର ବ୍ୟବସାୟିକ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ଗୋୟଲ କହିଛନ୍ତି ଯେ ଭାରତ ଅନ୍ୟ ୮-୯ଟି ଦେଶ ଗୋଷ୍ଠୀ କିମ୍ବା ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା କରୁଛି। ଏହି ଦେଶଗୁଡ଼ିକର ମିଳିତ ଅର୍ଥନୀତିର ଆକାର ପ୍ରାୟ ୧୫ ଟ୍ରିଲିୟନ ଡଲାର।ଗୋୟଲଙ୍କ କହିବା ଅନୁସାରେ, ଗତ ଚାରି ବର୍ଷରେ ଭାରତ ୯ଟି ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତିଗୁଡ଼ିକ ୩୮ଟି ବିକଶିତ ଦେଶ ସମେତ ପ୍ରାୟ ୬୦ ଟ୍ରିଲିୟନ ଡଲାରର ଅର୍ଥନୀତିକୁ ଆବୃତ କରୁଛି। ଏହା ବ୍ୟତୀତ ଜାପାନ, ଦକ୍ଷିଣ କୋରିଆ ଏବଂ ଆସିଆନ୍ ଅଞ୍ଚଳ ସହ ପୂର୍ବରୁ ରହିଥିବା ବାଣିଜ୍ୟ ଚୁକ୍ତି ଆଉ ପ୍ରାୟ ୧୦ ଟ୍ରିଲିୟନ ଡଲାରର ଅର୍ଥନୀତିକୁ ଭାରତ ପାଇଁ ବଜାର ପ୍ରବେଶ ସୁଯୋଗ ଦେଇଛି। ଏହାକୁ ମିଶାଇ ଭାରତ



ପାଇଁ ବର୍ତ୍ତମାନ ପ୍ରାୟ ୭୦ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପ୍ରାଥମିକତାମୂଳକ ବଜାର ପ୍ରବେଶର ସୁଯୋଗ ଖୋଲିଛି। ଆଉ ୧୫ ଟ୍ରିଲିୟନ ଡଲାର ଅର୍ଥନୀତିକୁ ଯୋଡ଼ିବା ପରେ ଭାରତର ଏଫ୍‌ଟିଏ ନେଟୱର୍କ ବିଶ୍ୱ ବାଣିଜ୍ୟର ପ୍ରାୟ ୭୫ ପ୍ରତିଶତକୁ ଆବୃତ କରିବ ବୋଲି ଗୋୟଲ କହିଛନ୍ତି।ମନ୍ତ୍ରୀ କହିଛନ୍ତି ଯେ, ଏହି ଚୁକ୍ତିଗୁଡ଼ିକ ଭାରତକୁ ବିଶ୍ୱର ଗ୍ଲୋବାଲ୍ ଭାଲ୍ୟୁ ଚେନ୍‌ରେ ଅଧିକ ଗଭୀର ଭାବେ ସାମିଲ ହେବାର ସୁଯୋଗ ଦେବ। ଏହା ଭାରତକୁ ଏକ ବିଶ୍ୱସନୀୟ ବାଣିଜ୍ୟିକ ଭାଗୀଦାର ଭାବେ ସ୍ଥାପିତ କରିବାରେ ସହାୟକ ହେବ। ଜାପାନ ଗସ୍ତ ସମୟରେ ଗୋୟଲଙ୍କ ସହ ୨୦୦ରୁ ଅଧିକ ବ୍ୟବସାୟିକ ପ୍ରତିନିଧି ଅଛନ୍ତି। ଭାରତ-ଜାପାନ ବାଣିଜ୍ୟ ଓ ନିବେଶ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଭାରତରେ ଡାଟା ସେଣ୍ଟର, ଉତ୍ପାଦନ କ୍ଷେତ୍ର ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି ଉଚ୍ଚ ପ୍ରଯୁକ୍ତି କ୍ଷେତ୍ରରେ ବିପୁଳ ନିବେଶ ସୁଯୋଗ ରହିଛି ବୋଲି ଗୋୟଲ କହିଛନ୍ତି। ଭାରତ-ଜାପାନ ବଢୁଥିବା ଅର୍ଥନୈତିକ ସମ୍ପର୍କ ଦୁଇ ଦେଶ ମଧ୍ୟରେ ଅଧିକ ସନ୍ତୁଳିତ ବାଣିଜ୍ୟକୁ ଆଗକୁ ନେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ଅଯୋଧ୍ୟାରେ ମାଛ ଭାତ ଭୋଜି: କଂଗ୍ରେସ-ବିଜେପି ମୁହାଁମୁହିଁ

**ନୂଆଦିଲ୍ଲୀ,୨୪।୮(ଏଜେନ୍ସି):** କଂଗ୍ରେସ ନେତା ଅଜୟ ରାୟଙ୍କୁ ସ୍ୱାଗତ କରିବା ପାଇଁ ଅଯୋଧ୍ୟାରେ ମାଛ-ଭାତ ଭୋଜିକୁ ନେଇ ରାଜନୈତିକ ହଙ୍ଗାମା ଆରମ୍ଭ ହୋଇଛି । ଶ୍ରାବଣ ମାସରେ ମାଛ-ଭାତ ଭୋଜି ଉପରେ ବିଜେପି ପ୍ରଶ୍ନ ଉଠାଇଛି। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କଂଗ୍ରେସ ଉପରେ ଆକ୍ରମଣ କରି କହିଛନ୍ତି ଯେ, ଲୋକମାନେ ଦର୍ଶନ ପାଇଁ ହନୁମାନ ଗଡ଼ି ଯାଆନ୍ତି ଏବଂ ମାଛ ଖାଆନ୍ତି। ଯଦି ସେମାନେ ମାଛ ଖାଇବାକୁ ଚାହୁଁଥିଲେ, ତେବେ ସେମାନଙ୍କୁ ଅଯୋଧ୍ୟା ବାହାରେ ଖାଇବା ଉଚିତ୍ ଥିଲା। କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛି। କଂଗ୍ରେସ ନେତା ଏବଂ ରାଜ୍ୟସଭା ସାଂସଦ ପବନ ଖେରା ପଚାରିଛନ୍ତି, ମାଛ-ଭାତ ପ୍ରସଙ୍ଗ କ'ଣ ଲୋକଙ୍କୁ ଅଯୋଧ୍ୟାରେ ହୋଇଥିବା ଦାନ ଚୋରି ମାମଲାକୁ ଭୁଲାଇ ପାରିବ ସେ କହିଛନ୍ତି, ଅଜୟ ରାୟ ଜଣେ ନିରାମିଷାଶୀ। ସେ ଯଦିଓ ନିରାମିଷାଶୀ ନହୋଇଥିଲେ ବି ମାଛ-ଭାତ ଭୋଜିରେ କ'ଣ ଭୁଲ୍ ଅଛି ?



ଖେରା ସ୍ପଷ୍ଟ ଜବାବ ଦେଇଛନ୍ତି ଏହା କ'ଣ ପ୍ରକୃତରେ ଏକ ପ୍ରସଙ୍ଗ ? ଆଜି ଯେତେବେଳେ ଆପଣ ଅଯୋଧ୍ୟା କଥା କୁହନ୍ତି, ଲୋକଙ୍କ ମନରେ କେବଳ ଦାନ ଚୋରି ?ଆସୁଛି। ଖେରା କହିଛନ୍ତି, ବିଜେପିରୁ କଂଗ୍ରେସରେ ଯୋଗ ଦେଇଥିବା ରାମ ନିହାଲ ନିଷାଦଙ୍କର ଖାଦ୍ୟ ଅଭ୍ୟାସରେ ମାଛ ଏବଂ ଭାତ ସାମିଲ ଅଛି। ନାଗପୁରର ଲୋକମାନେ ଭାବନ୍ତି ଯେ ଏହା ଖାଇବା ଉଚିତ୍ ନୁହେଁ। ଏବେ, ଯଦି ଆପଣ କାହା ଘରକୁ ଯାଆନ୍ତି ଏବଂ ସେମାନେ ଆପଣଙ୍କୁ ସ୍ୱାଗତ କରିବା ପାଇଁ କିଛି ପ୍ରଦାନ କରନ୍ତି, ତେବେ ଆପଣ ବିରୋଧ କରିବେ କି ? ଆପଣ ତାହା ଖାଇବା ଉଚିତ୍ ନୁହେଁ। ଆମେ ବୁଝିପାରୁନାହୁଁ ଯେ ଏପରି ପିଲାଳିଆମି ଏବଂ ମୂର୍ଖ ବିବାଦ କାହିଁକି ଉଠାଯାଉଛି।ଏହି ପ୍ରସଙ୍ଗରେ ଉତ୍ତର ପ୍ରଦେଶ ସରକାରଙ୍କ ମନ୍ତ୍ରୀ ଓପି ରାଜଭର କହିଛନ୍ତି ଯେ ଖବରରେ ରହିବା ପାଇଁ, ଅନେକ ଲୋକ ଶ୍ରାବଣ ମାସରେ ମାଛ ଭୋଜି ଆୟୋଜନ କରୁଛନ୍ତି। କଂଗ୍ରେସ ଲୋକ ଧର୍ମରେ ବିଶ୍ୱାସ କରନ୍ତି ନାହିଁ, ସେମାନେ ଧର୍ମ ନାମରେ ଅଭିନୟ କରନ୍ତି।ଏହି ସମୟରେ ଉତ୍ତର ପ୍ରଦେଶ ସରକାରଙ୍କ ମନ୍ତ୍ରୀ ନରେନ୍ଦ୍ର କଶ୍ୟପ ମଧ୍ୟ ଏହି ବିବାଦକୁ ନେଇ କଂଗ୍ରେସ ଦଳକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ଅଯୋଧ୍ୟା ହେଉଛି ପ୍ରଭୁ ଶ୍ରୀରାମଙ୍କ ଜନ୍ମସ୍ଥାନ ଏବଂ ସାରା ବିଶ୍ୱର ଲୋକଙ୍କର ଅଯୋଧ୍ୟା ପ୍ରତି ବିଶ୍ୱାସ ରହିଛି। କଂଗ୍ରେସ ନେତାମାନେ ବୁଝିବା ଉଚିତ୍ ଯେ ଏପରି ଏକ ଧାର୍ମିକ ସହରରେ, ଯଦି ସମ୍ଭବ ହୁଏ, କାହାକୁ ସ୍ୱାଗତ କରିବା ସମୟରେ ଆମିଷ ଖାଦ୍ୟ ପରିହାର କରିବା ଉଚିତ୍। ସ୍ୱାଗତ କରିବାର ଆହୁରି ଅନେକ ଉପାୟ ମଧ୍ୟ ଅଛି।

# ସୁପ୍ରିମକୋର୍ଟରେ ପହଞ୍ଚିଲା ଜେପିଏସ୍‌ସି ପରୀକ୍ଷା ଗଡବଡି ମାମଲା

**ନୂଆଦିଲ୍ଲୀ,୨୪।୮(ଏଜେନ୍ସି):** ଝାଡ଼ଖଣ୍ଡକମ୍ବାଇନ୍ ସିଭିଲ୍ ସର୍ଭିସେସ୍ ପ୍ରିଲିମିନାରୀ ପରୀକ୍ଷା ୨୦୨୫ ରେ ହୋଇଥିବା ଅନିୟମିତତାର ଏକ ନିରପେକ୍ଷ, ସମୟ-ସୀମାବଦ୍ଧ ସିବିଆଇ ତଦନ୍ତ ଦାବି କରୁଥିବା ଏକ ଆବେଦନ ଉପରେ ସୋମବାର ସୁପ୍ରିମକୋର୍ଟ କେନ୍ଦ୍ର, ଝାଡ଼ଖଣ୍ଡ ସରକାର ଓ ଝାଡ଼ଖଣ୍ଡ ଲୋକସେବା ଆୟୋଗକୁ ନୋଟିସ୍ ଜାରି କରିଛନ୍ତି। ଏହି ଜନସ୍ୱାର୍ଥ ମାମଲା ସୁପ୍ରିମକୋର୍ଟରେ ଆବେଦନକାରୀ ହରିଶରଣ ଦେବଗନଙ୍କ ଦ୍ୱାରା ଦାୟର କରାଯାଇଛି। ଆବେଦନରେ ୧୪ତମ ଜେପିଏସ୍‌ସି ପ୍ରିଲିମିନାରୀ ପରୀକ୍ଷା ସହିତ ଜଡିତ ମାମଲାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ଦାବି କରାଯାଇଛି।ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କୁ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର, ରାଜ୍ୟ ସରକାର, ଜେପିଏସସି ଓ ଅନ୍ୟାନ୍ୟ ପ୍ରତିପକ୍ଷଙ୍କଠାରୁ ଜବାବ ମାଗିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ମନନ କୁମାର ମିଶ୍ର କହିଛନ୍ତି ଯେ, ଆବେଦନରେ ସିବିଆଇ ତଦନ୍ତ କିମ୍ବା ପୂର୍ବତନ ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା ତଦନ୍ତ ଦାବି କରାଯାଇଛି। ଓକିଲ ସତ୍ୟମ ସିଂହ ରାଜପୁତଙ୍କ ମାଧ୍ୟମରେ ହରିଶରଣ ଦେବଗନ ଏହି ଆବେଦନ ଦାଖଲ କରିଥିଲେ। ଏହା ଜେପିଏସ୍‌ସି ବିଜ୍ଞାପନ ନମ୍ବର ୧/୨୦୨୬ ଅନୁଯାୟୀ, ଏପ୍ରିଲ ୧୯, ୨୦୨୬ ଏପ୍ରିଲରେ ଅନୁଷ୍ଠିତ ପ୍ରାରମ୍ଭିକ ପରୀକ୍ଷାର କାର୍ଯ୍ୟକାରିତା ଓ ବିଶ୍ୱସନୀୟତା ଉପରେ ଚିନ୍ତା ପ୍ରକାଶ କରାଯାଇଛି।

## ପି.ଚିଦାମ୍ବରମଙ୍କ ଚାଞ୍ଚଲ୍ୟକର ଦାବି

# ଏସଆଇଆରରେ ମତଦାନ ଅଧିକାର ହରାଇବେ ଦେଶର ୧୦କୋଟି ଲୋକ

**ନୂଆଦିଲ୍ଲୀ,୨୪।୮(ଏଜେନ୍ସି):** ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ଦ୍ୱାରା ଦେଶରେ ଚଳାଯାଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)ମାଧ୍ୟମରେ ଭୋଟ ଦେଉ ନଥିବା ନାଗରିକଙ୍କର ଏକ ନୂତନ ବର୍ଗ ଇସିଆଇ ସୃଷ୍ଟି କରିଥିବା ସେ ଅଭିଯୋଗ ଆଣିଛନ୍ତି । ଚିଦାମ୍ବରମ କହିଛନ୍ତି ଯେ ଇସିଆଇଙ୍କ ଏହି ପ୍ରକ୍ରିୟା କାରଣରୁ ଦେଶର ପାଖାପାଖି ୧୦% ଜନସଂଖ୍ୟା ଅର୍ଥାତ ୧୦ କୋଟି ଲୋକ ନାଗରିକ ତ ରହିବେ ହେଲେ ସେମାନଙ୍କ ମତଦାନ ଅଧିକାର ନଥିବ। କଂଗ୍ରେସ ନେତାଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ଇଜିପ୍ଟ ଓ ୟୁଏଇରେ ଭାରତର ରାଜଦୂତ ଥିବା ପୂର୍ବତନ କୂଟନୀତିଜ୍ଞ ନଭଦୀପ ସୁରୀ ପଞ୍ଜାବରେ ଏହି ପ୍ରକ୍ରିୟା ଯୋଗୁ ନାଗରିକତା ପ୍ରମାଣ କରିବାରେ ହେଉଥିବା ଅସୁବିଧା ଉଜାଗର କରିଛନ୍ତି।ପୂର୍ବତନ କୂଟନୀତିଜ୍ଞ ସୁରୀଙ୍କ ଅନୁସାରେ 'ଅଧିକାରୀମାନେ ମୋତେ ପରେ ନାଗରିକତା ପ୍ରମାଣ ରୂପେ ମୋର ପାସପୋର୍ଟ ଉପସ୍ଥାପନ କରିବାକୁ କହିଛନ୍ତି। ଏ ନେଇ ମୁଁ ବିଏଲଓଙ୍କ ସହ କଥା ହେଲି, ମୋତେ କୁହାଗଲା ଆସିକି ନୋଟିସ୍ ନେଇଯାଅ ଓ ଏପରି କିଛି କାଗଜପତ୍ର ଦାଖଲ କର ଯାହା ମୋର ନାଗରିକତା ପ୍ରମାଣ କରୁଥିବ। ମୋ ନିକଟରେ ଭୋଟର କାର୍ଡ ଓ ଆଧାର କାର୍ଡ ସହିତ ଅନ୍ୟ କାଗଜପତ୍ର ମଧ୍ୟ ଅଛି '। ସେ କହିଛନ୍ତି ଯେ ଏହା ନ ପଚାରି ରହି ପାରୁନି- ମୁଁ ୩ଟି



ଦେଶରେ ଭାରତର ପ୍ରତିନିଧିତ୍ୱ କରିବା ପରେ ମଧ୍ୟ ମୋତ ଭାରତର ନାଗରିକତା ସାବ୍ୟସ୍ତ କରିବାକୁ ସମସ୍ୟା ହେଉଛି, ଏଥିରେ ସାଧାରଣ ନାଗରିକ କି ଅବସ୍ଥା ଭୋଗୁନଥିବେ ବୋଧ ହୁଏ ଜୀବନର ସୁଗମତା ହିଁ ବିପଦରେ ପଡି ଯାଇଛି ।ବରିଷ୍ଠ କଂଗ୍ରେସ ନେତା ପି.ଚିଦାମ୍ବରମ ସୁରୀଙ୍କ ପୋଷ୍ଟ ଉଲ୍ଲେଖ କରି କହିଛନ୍ତି ଯେ 'ଏପର୍ଯ୍ୟନ୍ତର ପରିଣାମ ଆଧାରରେ ଏସଆଇଆର ପ୍ରକ୍ରିୟା ଅନ୍ତରେ ଭାରତର ୧୦% ବୟସ୍କ ଜନସଂଖ୍ୟା 'ନାଗରିକ' ତ ରହିବେ, ହେଲେ ନିର୍ବାଚନ ଆୟୋଗଙ୍କ ଏହି ବ୍ୟବସ୍ଥା କାରଣରୁ ସେମାନଙ୍କ ନିକଟରେ ମତଦାନର ଅଧିକାର ରହିବନି'। ଏହି ସଂଖ୍ୟା ପାଖାପାଖି ୧୦ କୋଟି ଲୋକଙ୍କର। ନିର୍ବାଚନ ଆୟୋଗ ଏକପ୍ରକାର 'ଅଣ ମତଦାତା ନାଗରିକ'ଙ୍କ ଏକ ନୂଆ ଶ୍ରେଣୀ ସୃଷ୍ଟି କରିଦେଇଛନ୍ତି।

# ମଣିପୁରର ସେନାପତି ଜିଲ୍ଲାରେ ହିଂସା : ଦୁଇ ଗୋଷ୍ଠୀ ମୁହାଁମୁହିଁ

**ନୂଆଦିଲ୍ଲୀ,୨୪।୮(ଏଜେନ୍ସି):** ମଣିପୁରର ସେନାପତି ଜିଲ୍ଲାର ତାପୋଏ ଏବଂ ଆଖପାଖ ଅଞ୍ଚଳରେ ହିଂସା ଘଟିଛି। ଏକ ଘରେ ନିଆଁ ଲଗାଇ ଦିଆଯାଇଥିବାବେଳେ ଗୁଳି ବିନିମୟରେ ଜଣେ ସିଆରପିଏଫ ଯବାନ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଏହି ଘଟଣା ପରେ ଅଞ୍ଚଳରେ ପୁଣି ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି। ସେନାପତି ଜିଲ୍ଲାରେ ଭୋର୍ ୩ଟାରେ ଏହି ଅଭାବନୀୟ ଘଟଣା ଘଟିଛି । ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁଁ ହିଂସା ଏବଂ ଗୁଳିଚାଳନା ହୋଇଥିଲା। ସଂଘର୍ଷ ସମୟରେ ଅନିୟନ୍ତ୍ରିତ ଭିଡ ଘର ପୋଡ଼ି ଦେଇଥିଲେ। ଘଟଣାର



କିଛି ପ୍ରତ୍ୟକ୍ଷଦର୍ଶୀ ସ୍ଥାନୀୟ ବାସିନ୍ଦା ପୁଲିସକୁ ଖବର ଦେଇ ଦମକଳ ବାହିନୀକୁ ଡାକିଥିଲେ। ସେମାନେ ଆହତ ସିଆରପିଏଫ ଯବାନଙ୍କୁ ଡାକ୍ତରଖାନାକୁ ନେଇଥିଲେ।ଘଟଣା ପରେ, ଅଞ୍ଚଳରେ ଏକ ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି। ମଣିପୁର ପୁଲିସର ସୂଚନା ଅନୁଯାୟୀ , ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ହିଂସାକାଣ୍ଡ ଭିଆଇଥିବା ଲୋକଙ୍କ ସନ୍ଧାନ ଜାରି ରହିଛି। ଅଞ୍ଚଳରେ ସୁରକ୍ଷା ଏବଂ ଶାନ୍ତି ବଜାୟ ରଖିବା ପାଇଁ ପୁଲିସ ଏକ ସର୍ଚ୍ଚ ଅପରେସନ ମଧ୍ୟ ଚଳାଇଛି।

# ଦିଲ୍ଲୀ-ଏନ୍‌ସିଆର୍‌ରେ ପ୍ରବଳ ବର୍ଷା ୩୮୦ ବିମାନ ବିଳମ୍ବିତ

**ନୂଆଦିଲ୍ଲୀ,୨୪।୮(ଏଜେନ୍ସି):** ଉତ୍ତର ଭାରତସମେତ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ସୋମବାର ମୌସୁମୀ ସକ୍ରିୟ ହେବା ଯୋଗୁ ଦିନ ସାରା ପ୍ରବଳ ବର୍ଷା ଲାଗି ରହିଛି। ଦିଲ୍ଲୀ ଓ ସଂଲଗ୍ନ ଏନ୍‌ସିଆର୍ ଅଞ୍ଚଳ ନୋଏଡା, ଗାଜିଆବାଦ, ଗୁରୁଗ୍ରାମ ଓ ଫରିଦାବାଦରେ ପ୍ରବଳ ବର୍ଷା ଓ ପବନ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଦିଲ୍ଲୀ ବିମାନବନ୍ଦରରେ ପ୍ରତିକୂଳ ପାଗ ବିମାନ ଚଳାଚଳରେ ବାଧା ସୃଷ୍ଟି କରିଛି, ପ୍ରାୟ ୩୮୫ ଟି ବିମାନ ବିଳମ୍ବିତ/ପ୍ରଭାବିତ ହୋଇଛି, ୨୬ ଟି ବାତିଲ ହୋଇଛି ଓ ୧୫ ଟି ଅନ୍ୟତ୍ର ଗତି ପରିବର୍ତ୍ତନ କରିଛି, ଯେଉଁଥିରେ ତିନିଟି ଅନ୍ତର୍ଜାତୀୟ ବିମାନ ରହିଛି।ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ଦିଲ୍ଲୀ-ଏନ୍‌ସିଆର୍‌ରେ ଓ ଆଖାପାଖ ଅଞ୍ଚଳରେ ଅଧିକ ମେ ?ସୁମୀ ବର୍ଷା ନେଇ ଆକଳନ କରିଛି। ଉତ୍ତରାଖଣ୍ଡ, ଓଡ଼ିଶା ଓ ତେଲଙ୍ଗାନାରେ ମଧ୍ୟ ପ୍ରବଳ ବର୍ଷା ନେଇ ଆଇଏମ୍‌ଡି ଆକଳନ କରିଛି। ଆଇଏମ୍‌ଡି ଗୁରୁଗ୍ରାମ ଓ ଫରିଦାବାଦ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ଏହି ଦୁଇଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଲୋକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁଁ ଗୁରୁଗ୍ରାମର ଇସଲାମପୁର ଗାଁ ନିକଟରେ ସୋହନା ରୋଡର ସର୍ଭିସ୍ ଲେନରେ ପ୍ରାୟ ଦୁଇ ଫୁଟ ପାଣି ଜମି ଯାଇଥିଲା। ପାଣି ଜମା ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ଓ ପ୍ରାୟ ୪ କିଲୋମିଟର ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ହୋଇଥିଲା। ଇଣ୍ଡିଆ ଗେଟ୍ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ଲୋକମାନଙ୍କୁ ଗରମରୁ ଆଶ୍ୱସ୍ତି ମିଳିଛି।

# ୧୬ ବର୍ଷରୁ କମ୍ ବୟସର ପିଲା ଚଲାଇ ପାରିବେନି ସୋସିଆଲ ମିଡିଆ !

**ନୂଆଦିଲ୍ଲୀ,୨୪।୮(ଏଜେନ୍ସି):** ନ୍ୟୁଜିଲ୍ୟାଣ୍ଡ ସରକାର ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ କଟକଣା ଲଗାଇବାକୁ ଏକ ନୂଆ ବିଲ୍ ଆଗତ କରିଛନ୍ତି। ଇନଷ୍ଟାଗ୍ରାମ୍, ଟିକଟକ୍ ଭଳି ପ୍ଲାଟଫର୍ମଗୁଡ଼ିକରୁ ପିଲାଙ୍କୁ ଦୂରେଇ ରଖିବା ପାଇଁ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ଭଳି ନ୍ୟୁଜିଲ୍ୟାଣ୍ଡ ମଧ୍ୟ ଏହି ପଦକ୍ଷେପ ନେଇଛି।ନୂଆ ନିୟମ ଅନୁଯାୟୀ, Meta ଭଳି ସୋସିଆଲ ମିଡିଆ ସଂସ୍ଥାଗୁଡ଼ିକ ଏହି ନିୟମ ଉଲ୍ଲଂଘନ କଲେ ସେମାନଙ୍କର ବିଶ୍ୱସ୍ତରୀୟ ରାଜସ୍ୱର ୧୦ ପ୍ରତିଶତ ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିପାରେ। ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ୍ କହିଛନ୍ତି ଯେ ୧୩ରୁ ୧୭ ବର୍ଷ ବୟସର ପ୍ରତି ୩ ଜଣ ପିଲାଙ୍କ ମଧ୍ୟରୁ ଜଣେ ଦିନକୁ ଅତିକମରେ ୫ ଘଣ୍ଟା ସୋସିଆଲ ମିଡିଆରେ ବିତାଉଛନ୍ତି। ଏହା ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ, ନିଦ୍ରା ଏବଂ ପାଠପଢ଼ା ଉପରେ ଖରାପ ପ୍ରଭାବ ପକାଉଛି।Instagram, TikTok, Snapchat ଏବଂ Facebook ଭଳି ପ୍ଲାଟଫର୍ମଗୁଡ଼ିକୁ ବ୍ୟବହାରକାରୀଙ୍କ ବୟସ ୧୬ ବର୍ଷରୁ ଅଧିକ କି ନୁହେଁ ତାହା ଯାଞ୍ଚ କରିବାକୁ ପଡ଼ିବ। ଏଥିପାଇଁ ଫେସିଆଲ୍ ଏଜ୍ ଏଷ୍ଟିମେସନ୍, ଡିଜିଟାଲ୍ ID କିମ୍ବା ସରକାରୀ ଆଇଡିର ସାହାଯ୍ୟ ନିଆଯିବ। ଏହି ବିଲ୍ ଅଧୀନରେ କେବଳ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ଉପରେ ଆଇନଗତ ଦାୟିତ୍ୱ ରହିବ, ପିଲା କିମ୍ବା ସେମାନଙ୍କ ଅଭିଭାବକଙ୍କ ପାଇଁ କୌଣସି ଦଣ୍ଡ ବ୍ୟବସ୍ଥା ନାହିଁ।ଶାସକ ମେଣ୍ଟର ସହଯୋଗୀ ଦଳ 'ACT' ଏବଂ 'NZ First' ଏହି ବିଲ୍‌କୁ ବିରୋଧ କରୁଥିବାରୁ ଏହା ସଂସଦରେ ପାରିତ ହେବ କି ନାହିଁ ତାହା ଅସ୍ପଷ୍ଟ ରହିଛି। ବିରୋଧୀ ଲେବର ପାର୍ଟି ମଧ୍ୟ ବୟସ ଯାଞ୍ଚ ଓ ଅନ୍ୟାନ୍ୟ ନିୟମାବଳୀ ଉପରେ ଅଧିକ ସ୍ପଷ୍ଟୀକରଣ ମାଗିଛି। ଗତବର୍ଷ ଅଷ୍ଟ୍ରେଲିଆ ବିଶ୍ୱରେ ପ୍ରଥମ ଦେଶ ଭାବେ ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟାନ୍ କରିଥିଲା। ଏହାପରେ ବ୍ରିଟେନ ଏବଂ ଫ୍ରାନ୍ସ ଭଳି ଦେଶଗୁଡ଼ିକ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣା : ବର୍ଷକୁ ୩ଟି ମାଗଣା ଗ୍ୟାସ୍ ସିଲିଣ୍ଡର

**ନୂଆଦିଲ୍ଲୀ,୨୪।୮(ଏଜେନ୍ସି):** ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟ ବିଧାନସଭାରେ ଏକ ବଡ଼ ଘୋଷଣା କରି କହିଛନ୍ତି ଯେ 'ଅନ୍ନପୂର୍ଣ୍ଣ ସୁପର ସିକ୍ସ' ଯୋଜନା ଅନ୍ତର୍ଗତ ବର୍ଷକୁ ତିନୋଟି ମାଗଣା ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯିବ। ଏହି ଯୋଜନାରେ ବର୍ଷକୁ ଅଢେଇ ଲକ୍ଷ କିମ୍ବା ତା'ଠାରୁ କମ୍ ଆୟ ଥିବା ପରିବାରକୁ ବର୍ଷ ପିଛା ତିନୋଟି ଏଲପିଜି ସିଲିଣ୍ଡର ଯୋଗାଇ ଦିଆଯିବ। ହିତାଧିକାରୀମାନେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି)




ମାଧ୍ୟମରେ ଲାଭ ପାଇପାରିବେ। ସିଲିଣ୍ଡର ପାଇଁ ଦେୟ ସିଧାସଳଖ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ।ଏହା ଦ୍ୱାରା ରାଜ୍ୟର କୋଟିଏ ୩୦ ଲକ୍ଷରୁ ଅଧିକ ପରିବାର ଉପକୃତ ହୋଇପାରିବେ। ସରକାର ଆକଳନ କରିଛନ୍ତି ଯେ ଏହି ଯୋଜନାରେ ବାର୍ଷିକ ପ୍ରାୟ ୪ ହଜାର କୋଟି ଖର୍ଚ୍ଚ ହେବ।ମହିଳା ଏବଂ ଟ୍ରାନ୍ସଜେଣ୍ଡର ଯାତ୍ରୀଙ୍କ ପାଇଁ ମାଗଣା ବସ୍ ସେବା ଯୋଜନାର ବିସ୍ତାର ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଭେଡ୍ରି ପୟାନମ୍ ନାମକ ଏହି ଯୋଜନା ଅକ୍ଟୋବର ୨, ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀରେ ଆରମ୍ଭ ହେବ। ଏହି ଯୋଜନା ସରକାରୀ ବସ୍‌ରେ ମାଗଣା ଯାତ୍ରାର ପରିସରକୁ ବିସ୍ତାର କରିବ। ସରକାର କହିଛନ୍ତି ଯେ ଏହି ପଦକ୍ଷେପ ଦ୍ୱାରା ମହିଳା ଏବଂ ଟ୍ରାନ୍ସଜେଣ୍ଡର ଯାତ୍ରୀମାନେ ସାଧାରଣ ପରିବହନ ସୁବିଧାକୁ ଅଧିକ ପ୍ରଭାବଶାଳୀ ଭାବରେ ପାଇପାରିବେ ଏବଂ ସେମାନଙ୍କର ଯାତ୍ରା ଖର୍ଚ୍ଚ ହ୍ରାସ ପାଇବ। ସରକାରୀ ଆକଳନ ଅନୁଯାୟୀ, ମାଗଣା ବସ୍ ଯାତ୍ରାର ବିସ୍ତାର ପାଇଁ ବାର୍ଷିକ ପ୍ରାୟ ୬ ହଜାର କୋଟି ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି।

## କର୍ଣ୍ଣାଟକ ବିଧାନସଭା ଘେରାଉ କରିବାକୁ ଉଦ୍ୟମ

# ବିଜେପି ନେତା ସିଟି ରବି ଅଟକ

**ନୂଆଦିଲ୍ଲୀ,୨୪।୮(ଏଜେନ୍ସି):** ବାଲ୍ମିକି ପାଣ୍ଠି ହେରଫେର୍ ପ୍ରସଙ୍ଗରେ କଂଗ୍ରେସ ସରକାରଙ୍କ ମନ୍ତ୍ରୀ ବି. ନାଗେନ୍ଦ୍ରଙ୍କ ଇସ୍ତଫା ଦାବି କରି ବିରୋଧୀ ଦଳ ବିଜେପି ଏବଂ ଜେଡିଏସ୍ କର୍ଣ୍ଣାଟକ ବିଧାନସଭା ଘେରାଉ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ, ଅନୁମତି ଅଭାବରୁ, ପୁଲିସ କର୍ଣ୍ଣାଟକ ବିଧାନସଭାର ବିରୋଧୀ ଦଳ ନେତା ଆର. ଅଶୋକ, ସିଟି ରବି ଏବଂ ବିଜେପି ରାଜ୍ୟ ସଭାପତି ବିୱାଇ ବିଜୟେନ୍ଦ୍ରଙ୍କ ସମେତ ଅନେକ ବିଜେପି ଏବଂ ଜେଡିଏସ୍ ନେତା ତଥା ସମର୍ଥକଙ୍କୁ ଅଟକ ରଖିଛି । ବେଙ୍ଗାଲୁରୁରେ ପ୍ରତିବାଦ ସମୟରେ ସି.ଟି. ରବି ଅଭିଯୋଗ କରିଥିଲେ ଯେ ବି. ନାଗେନ୍ଦ୍ର ମହର୍ଷି ବାଲ୍ମିକି ଅନୁସୂଚିତ ଜନଜାତି ବିକାଶ ନିଗମରୁ ପାଣ୍ଠି ଆତ୍ମସାତ କରିବାର ଗୁରୁତର ଅଭିଯୋଗର ସମ୍ମୁଖୀନ ହେଉଛନ୍ତି ଏବଂ ପୂର୍ବରୁ ଏହି ମାମଲାରେ ତାଙ୍କୁ ଗିରଫ କରାଯାଇଥିଲା।ଯୋଜନା ଏବଂ ପରିସଂଖ୍ୟାନ ମନ୍ତ୍ରୀ ବି. ନାଗେନ୍ଦ୍ରଙ୍କୁ କ୍ୟାବିନେଟରୁ ବହିଷ୍କାର କରିବା ଦାବି କରି ବିରୋଧୀ ଦଳଗୁଡ଼ିକ ବିଧାନସଭା କାର୍ଯ୍ୟକୁ ବାଧା ଦେଉଛନ୍ତି। ଆର. ଅଶୋକ ଅଭିଯୋଗ କରିଛନ୍ତି ଯେ ୮୯ କୋଟିର କର୍ଣ୍ଣାଟକ ମହର୍ଷି ବାଲ୍ମିକି ଅନୁସୂଚିତ ଜନଜାତି ବିକାଶ ନିଗମ ଦୁର୍ନୀତିରେ ନାଗେନ୍ଦ୍ରଙ୍କ ସମ୍ପୃକ୍ତି ଯୋଗୁଁ ତାଙ୍କୁ ତାଙ୍କ ପଦରୁ



ହଟାଇବା ଉଚିତ୍। ଗତ ଗୋଟିଏ ସପ୍ତାହ ଧରି ଏହି ପ୍ରସଙ୍ଗକୁ ନେଇ ବିଜେପି କର୍ମୀମାନେ ପ୍ରତିବାଦ କରି ଆସୁଛନ୍ତି। ସୋମବାର ବିଜେପି ଫ୍ରିଡମ ପାର୍କରୁ ଏକ ଶୋଭାଯାତ୍ରା ବାହାରି ବିଧାନସଭାକୁ ଘେରିବାକୁ ଚେଷ୍ଟା କରାଯାଇଥିଲା।ଏହି ଘଟଣା ସମ୍ପର୍କରେ ମେ'-ଜୁନ୍ ୨୦୨୪ ମସିହାରେ ପ୍ରକାଶ ପାଇଥିଲା ଯେତେବେଳେ ନିଗମର ଆକାଉଣ୍ଟସ୍ ସୁପରିଟେଡେଣ୍ଟ ପି. ଚନ୍ଦ୍ରଶେଖରନ୍ ଆତ୍ମହତ୍ୟା କରିଥିଲେ। ସେ ନିଗମ ଭିତରେ ବ୍ୟାପକ ଆର୍ଥିକ ଅନିୟମିତତା ଅଭିଯୋଗ କରି ଏକ ସୁଇସାଇଡ ନୋଟ୍ ଛାଡିଥିଲେ। ତଦନ୍ତ ସମୟରେ ଜଣାପଡିଥିଲା, ୟୁନିଅନ୍ ବ୍ୟାଙ୍କରେ ଥିବା ନିଗମର ଆକାଉଣ୍ଟରୁ ବିଭିନ୍ନ ଆକାଉଣ୍ଟକୁ ପ୍ରାୟ ୮୯ କୋଟି ଟଙ୍କା ବେଆଇନ ଭାବରେ ସ୍ଥାନାନ୍ତରିତ କରାଯାଇଥିଲା। ପରେ ମୋଟ ଅପବ୍ୟବହାରର ପରିମାଣ ପ୍ରାୟ ୧୮୭ କୋଟି ଟଙ୍କା ପ୍ରକାଶ ପାଇଥିଲା।କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ତଦନ୍ତ ଏବଂ ବିବାଦ ବଢିବା ପରେ ତତ୍କାଳୀନ ଅନୁସୂଚିତ ଜନଜାତି କଲ୍ୟାଣ ମନ୍ତ୍ରୀ ବି. ନାଗେନ୍ଦ୍ର ୬ ଜୁନ୍ ୨୦୨୪ରେ ସିଦ୍ଧରମୈୟାଙ୍କ କ୍ୟାବିନେଟ୍‌ରୁ ଇସ୍ତଫା ଦେଇଥିଲେ। ପରବର୍ତ୍ତୀ ସମୟରେ, ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ କ୍ୟାବିନେଟ୍ ବିସ୍ତାର ସମୟରେ, ତାଙ୍କୁ ଯୋଜନା ଏବଂ ପରିସଂଖ୍ୟାନ ବିଭାଗରେ ୩ ଅଗଷ୍ଟ ୨୦୨୬ରେ ମନ୍ତ୍ରିମଣ୍ଡଳରେ ପୁନଃସ୍ଥାପିତ କରାଯାଇଥିଲା

# କେନ୍ଦ୍ରରେ ଖାଲି ପଦବୀ ସଂଖ୍ୟା ୧୦ ବର୍ଷରେ ୨ ଗୁଣ ହୋଇଛି

**ନୂଆଦିଲ୍ଲୀ,୨୪।୮(ଏଜେନ୍ସି):** ଦେଶରେ ବେକାରୀ ସମସ୍ୟା ବୃଦ୍ଧି ଏବଂ ସରକାରୀ ଚାକିରି ପାଇଁ ଲକ୍ଷ ଲକ୍ଷ ଭାରତୀୟ ଯୁବକ ଯୁବତୀ ସଂଘର୍ଷ କରୁଥିବାବେଳେ ଏକ ଆରଟିଆଇ ତଥ୍ୟରୁ ଆଶ୍ଚର୍ଯ୍ୟ କଳା ଭଳି ତଥ୍ୟ ସାମ୍ନାକୁ ଆସିଛି । ଗତ ୧୦ ବର୍ଷରେ କେନ୍ଦ୍ର ସରକାରରେ ଖାଲି ପଦବୀ ସଂଖ୍ୟା ଦୁଇ ଗୁଣା ବଢ଼ିଛି । ୨୦୧୫ରେ ୪ ଲକ୍ଷ ୨୧ ହଜାର ପଦ ଖାଲିଥିବାବେଳେ ୨୦୨୪ରେ ତାହା ବଢ଼ି ୮ ଲକ୍ଷ ୨୪ ହଜାର ହୋଇଛି । ଏହି ପରିସଂଖ୍ୟାନରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କିମ୍ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ ଖାଲି ପଡ଼ିଥିବା ପଦବୀ ଅନ୍ତର୍ଭୁକ୍ତ ନାହିଁ । ରେଳପଥ, ପ୍ରତିରକ୍ଷା, ଗୃହ ମନ୍ତ୍ରଣାଳୟ ପ୍ରତିଷ୍ଠାନଠାରୁ ଆରମ୍ଭ କରି ରାଷ୍ଟ୍ରପତି ସଚିବାଳୟ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲକ୍ଷାଧିକ ପଦବୀ ଖାଲି ପଡ଼ିଛି ।ମୋଟ ମଞ୍ଜୁର ହୋଇଥିବା ୩୯ ଲକ୍ଷ ୨୩ ହଜାର ୨୧୨ ପଦବୀ ମଧ୍ୟରୁ ୨୦୨୪ ମାର୍ଚ୍ଚ ୧ ସୁଦ୍ଧା କେବଳ ୩୦ ଲକ୍ଷ ୯୯ ହଜାର ୫୫୬ ଜଣ କର୍ମଚାରୀ କାର୍ଯ୍ୟରତ ଥିଲେ। ଫଳରେ ୮ ଲକ୍ଷ ୨୩ ହଜାର ୬୫୬ ପଦଟି ଖାଲି ରହିଛି । ଫଳରେ ମଞ୍ଜୁରିପ୍ରାପ୍ତ ପଦବୀରେ ଖାଲି ପଦବୀ ଅନୁପାତ ୧୧.୫%ରୁ ବୃଦ୍ଧି ପାଇଁ ୨୧% ହୋଇଛି । ୧୦ ବର୍ଷରେ କେନ୍ଦ୍ରର ବିଭିନ୍ନ ବିଭାଗରେ ମୋଟ ମଞ୍ଜୁରିପ୍ରାପ୍ତ ପଦବୀ ସଂଖ୍ୟା ୨.୭୪ ଲକ୍ଷ ବଢ଼ିଥିଲେ ବି ପୂରଣ ହୋଇଥିବା ପଦବୀ ସଂଖ୍ୟା ୧.୨୯ ଲକ୍ଷ କମିଛି ।ସରକାରୀ କମ୍ପାନୀଗୁଡ଼ିକରେ ପ୍ରାୟ ଅଧା କର୍ମଚରା ଠିକାରେ ଅଛନ୍ତି । ୨୦୧୫ରେ ଏହି ସଂଖ୍ୟା ୧୮.୭% ଥିଲା । ୨୦୨୫ରେ ତାହା ୪୯.୧ ପ୍ରତିଶତକୁ ବୃଦ୍ଧି ପାଇଛି । ୨୦୧୫ରେ ରେଲୱେରେ କୌଣସି ପଦ ଖାଲି ନଥିଲା । ୨୦୨୪ରେ ୨.୪୦ ଲକ୍ଷ ପଦ ପାଲି ପଡ଼ିଛି । ସ୍ୱାସ୍ଥ୍ୟ ବିଭାଗରେ ବି ଖାଲି ପଦବୀ ସଂଖ୍ୟା ଶୂନରୁ ୬ ପ୍ରତିଶତକୁ ବଢ଼ିଛି । ପ୍ରତିରକ୍ଷା ମନ୍ତ୍ରଣାଳୟର ବେସାମରିକ ପ୍ରତିଷ୍ଠାନରେ ୫ ଲକ୍ଷ ୫୬ ହଜାର ୨୪୮ଟି ମଞ୍ଜୁରିପ୍ରାପ୍ତ ପଦବୀ ଥିବାବେଳେ କେବଳ ୩ଲକ୍ଷ ୧୪ ହଜାର ୫ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ଫଳରେ ୨ଲକ୍ଷ ୪୨ହଜାଇ ୨୪୩ଟି ପଦବୀ ଖଲି ରହିଛି । ଏହା ମଞ୍ଜୁରିପ୍ରାପ୍ତ ବେସାମରିକ କର୍ମଚାରୀ ସଂଖ୍ୟାର ପ୍ରାୟ ୪୩.୫ ପ୍ରତିଶତ । ଏଥିରେ ସ୍ଥଳସେନା, ନୌସେନା କିମ୍ବା ବାୟୁସେନାର ଖାଲି ପଦବୀ ଅନ୍ତର୍ଭୁକ୍ତ ନୁହେଁ । ଗୃହ ମନ୍ତ୍ରଣାଳୟରେ ପ୍ରାୟ ୧୧.୧୮ ଲକ୍ଷ ମଞ୍ଜୁରିପ୍ରାପ୍ତ ପଦବୀ ଥିବାବେଳେ ୨୦୨୪ ମାର୍ଚ୍ଚ ୧ ସୁଦ୍ଧା ୧୦.୭ ଲକ୍ଷ ପଦବୀ ପୂରଣ ଥିଲା ଫଳରେ ପ୍ରାୟ ୧.୧୦ ପଦବୀ ଖାଲି ରହିଛି । ଡାକ ବିଭାଗରେ ୨.୫୩ ଲକ୍ଷ ମଞ୍ଜୁରିପ୍ରାପ୍ତ ପଦ ମଧ୍ୟରୁ ୩୧,୫୪୬ଟି ଖାଲି ରହିଛି । ସରକାରଙ୍କ ଟିକସ ଏବଂ ରାଜସ୍ୱ ପ୍ରଶାସନ ପାଇଁ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ବିଭାଗରେ ୧,୭୯,୩୫୪ଟି ମଞ୍ଜୁରିପ୍ରାପ୍ତ ପଦବୀ ମଧ୍ୟରୁ ୭୯.୫୬୨ଟି ପଦ ଖାଲି ପଡ଼ିଛି । କୃଷି କ୍ଷେତ୍ର ମଧ୍ୟ ଅନ୍ୟ ଏକ ଉଲ୍ଲେଖନୀୟ କର୍ମଚାରୀ ଅଭାବର ସମ୍ମୁଖୀନ ହୋଇଛି । କୃଷି ଓ କୃଷକ କଲ୍ୟାଣ ବିଭାଗରେ ୫,୪୨୦ଟି ମଞ୍ଜୁରିପ୍ରାପ୍ତ ପଦବୀରୁ ୧,୮୫୫ଟି ପଦବୀ ଖାଲି ରହିଛି ।



## ନିବେଶକଙ୍କ ଆତ୍ମବିଶ୍ୱାସ ବଢାଇଛି ଏସବିଆଇକ୍ୟାପ୍ ସିକ୍ୟୁରିଟିଜ



**ଭୁବନେଶ୍ୱର, ୨୪।୮ (ନି.ପ୍ର) :** ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏକ କମ୍ପାନୀ ଏସବିଆଇକ୍ୟାପ୍ ସିକ୍ୟୁରିଟିଜ୍ ଲିମିଟେଡ୍, ବ୍ୟବସାୟୀ ଏବଂ ନିବେଶକମାନଙ୍କୁ ବିକଶିତ ବଜାର ଗତିଶୀଳତାକୁ ଭଲ ଭାବରେ ବୁଝିବା ଏବଂ ସୂଚିତ ନିବେଶ ନିଷ୍ପତି ନେବାରେ ସାହାଯ୍ୟ କରିବା ପାଇଁ ଏକ ନିବେଶକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି ଅଧିବେଶନରେ ଏସବିଆଇ ସିକ୍ୟୁରିଟିଜ୍‌ର ଟେକ୍ନିକାଲ ଆଣ୍ଡ ଡେରିଭେଟିଭ୍ସ ରିସର୍ଚ୍ଚ ବିଭାଗର ଉପାଧ୍ୟକ୍ଷ ସୁଦୀପ ଶାହ ଏବଂ ଏସବିଅାଇ ସିକ୍ୟୁରିଟିଜ୍‌ର ଫଣ୍ଡାମେଂଟାଲ ରିସର୍ଚ୍ଚ ବିଭାଗ ମୁଖ୍ୟ ସନି ଅଗ୍ରୱାଲ ଯୋଗ ଦେଇଥିଲେ ଯିଏ ବଜାର ଟ୍ରେଣ୍ଡ, ନିବେଶ ସୁଯୋଗ ଏବଂ ବଜାର ଅସ୍ଥିରତାକୁ ପରିଚାଳନା କରିବା ପାଇଁ ରଣନୀତି ଉପରେ ସେମାନଙ୍କର ଦୃଷ୍ଟିକୋଣ ବାଂଟିଥିଲେ। ଏହି ପଦକ୍ଷେପ ଆର୍ଥିକ ସାକ୍ଷରତାକୁ ଆଗକୁ ବଢ଼ାଇବା ଏବଂ ପୁଁ ବଜାରରେ ଦାୟିତ୍ୱପୂର୍ଣ୍ଣ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଏହି ଅଧିବେଶନ ଆ'ର୍ଜାତୀୟ ସାମଗ୍ରିକ ଅର୍ଥନୈତିକ ପରିଦୃଶ୍ୟ ଉପରେ ଏକ ସମୀକ୍ଷା ସହ ଆରମ୍ଭ ହୋଇଥିଲା ଏବଂ ପରେ ସୁଦୀପ ଶାହ ଓ ସନି ଅଗ୍ରୱାଲ ଅଂଶଗ୍ରହଣକାରୀଙ୍କୁ ବଜାର କାର୍ଯ୍ୟଦକ୍ଷତାକୁ ଆକାର ଦେଉଥିବା ବୈଷୟିକ ଏବଂ ମୌଳିକ କାରକଗୁଡ଼ିକର ଏକ ବ୍ୟାପକ ଦୃଷ୍ଟିକୋଣ ପ୍ରଦାନ କରିଥିଲେ।

## ଉତରପ୍ରଦେଶରେ ଗ୍ଲୋବାଲ ଆରଆଣ୍ଡଡି ସେଂଟର ସ୍ଥାପନ କରିବ ଆଇଟିଏଲ

**ଭୁବନେଶ୍ୱର, ୨୪।୮ (ନି.ପ୍ର) :** ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନି ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସର ମାଲିକାନା କମ୍ପାନୀ ମାଲିକ ଇଂଟରନ୍ୟାସନାଲ୍ ଟ୍ରାକ୍ଟର ଲିମିଟେଡ୍ (ଆଇଟିଏଲ), ଉତରପ୍ରଦେଶର ଗ୍ରେଟର ନୋଏଡାଠାରେ ୨୫ ଏକର ଜମିରେ ପରିବ୍ୟାପ୍ତ ଏକ ଆନ୍ତର୍ଜାତୀୟ ଗବେଷଣା ଏବଂ ବିକାଶ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତୁତ ହୋଇଛି। ଲକ୍ଷ୍ନୌରେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟନାଥ ଜୀ ଓ ଆଇଟିଏଲର ମ୍ୟାନେଜମେଂଟ ଟିମ୍ ମଧ୍ୟରେ ହୋଇଥିବା ଏକ ବୈଠକ ପରେ ଏସମ୍ପର୍କରେ ଘୋଷଣା କରାଯାଇଛି। ଆଇଟିଏଲ ଦ୍ୱାରା ନୂତନ ପ୍ରସ୍ତାବିତ ଗ୍ଲୋବାଲ୍ ଆର୍‌ଆଣ୍ଡଡି ସେଂଟର୍‌କୁ ଭବିଷ୍ୟତ ପ୍ରସ୍ତୁତ ଟେକ୍ନୋଲୋଜି ଏବଂ କୃଷକ-କୈନ୍ଦ୍ରିକ ଉଦ୍ଭାବନର ନିର୍ମାଣ ପାଇଁ ଏକ ବିଶ୍ୱସ୍ତରୀୟ ଉନ୍ନତ ଇଞ୍ଜିନିୟରିଂ ହବ୍ ଭାବରେ ପରିକଳ୍ପନା କରାଯାଇଛି। ଏହି ବୈଠକ କୃଷି ନବସୃଜନର ପରବର୍ତୀ ପର୍ଯ୍ୟାୟ ପାଇଁ ଆଇଟିଏଲର ଦୃଷ୍ଟିକୋଣ ଏବଂ ଟେକ୍ନୋଲୋଜି-ଚାଳିତ ଶିଳ୍ପ ନିବେଶ ପାଇଁ ଉତରପ୍ରଦେଶର ବର୍ଦ୍ଧିତ ଭୂମିକା ସହିତ ବ୍ରାଣ୍ଡ କିପରି ସମନ୍ୱିତ ହେବ ତାହା ଉପରେ କେନ୍ଦ୍ରିତ ଥିଲା। ଏହି ନୂତନ ଫ୍ୟାସିଲିଟି ଆଇଟିଏଲର କ୍ଷମତାକୁ ଆହୁରି ମଜବୁତ କରିବ ଯାହା ଏକ ଶକ୍ତିଶାଳୀ ଇକୋସିଷ୍ଟମ ସୃଷ୍ଟି କରିବ ଯେଉଁଠାରେ ଇଞ୍ଜିନିୟରିଂ ବିଶେଷଜ୍ଞତାକୁ କୃଷକମାନଙ୍କ ଅ'ର୍ଦୃଷ୍ଟି ସହିତ ମିଶ୍ରିତ କରାଯାଇ ଭାରତୀୟ ଏବଂ ବିଶ୍ୱ ବଜାର ଆବଶ୍ୟକତା ଅନୁସାରେ କୃଷି ସମାଧାନ ବିକଶିତ କରାଯିବ। ଏସମ୍ପର୍କରେ ଇଂଟରନ୍ୟାସନାଲ୍ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ରମଣ ମିତଲ କହିଛନ୍ତି, 'ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିବା ଏବଂ ତାଙ୍କ ସହ ୟୁପିର ଗ୍ରେଟର ନୋଏଡାରେ ଆଇଟିଏଲର ନୂଆ ୨୫-ଏକର ଗ୍ଲୋବାଲ୍ ଆରଆଣ୍ଡଡି ଫ୍ୟାସିଲିଟି ପାଇଁ ଆମର ଦୃଷ୍ଟିକୋଣ ବାଂଟିବା ଆମ ପାଇଁ ଏକ ସମ୍ମାନର ବିଷୟ। ଏହା ଆଇଟିଏଲରେ ଆମ ପାଇଁ କୃଷି ଉଦ୍ଭାବନର ପରବର୍ତୀ ସୀମା ଗଠନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଆମେ ତାଙ୍କର ପ୍ରୋତ୍ସାହନ, ଆତ୍ମବିଶ୍ୱାସ ଏବଂ ପ୍ରେରଣାଦାୟକ ନେତୃତ୍ୱ ପାଇଁ ଗଭୀର କୃତଜ୍ଞ ଯାହା ବ୍ୟବସାୟ ଇକୋସିଷ୍ଟମକୁ ସମୃଦ୍ଧ କରିବାରେ ସହଯୋଗ କରିବ। ଏକ ପ୍ରଗତିଶୀଳ, ଟେକ୍ନୋଲୋଜି-ଚାଳିତ ଉତରପ୍ରଦେଶ ପାଇଁ ତାଙ୍କର ନିର୍ଣ୍ଣାୟକ ଦୃଷ୍ଟିକୋଣ ଆମକୁ ବଡ଼ ଚିନ୍ତା କରିବା, ଦ୍ରୁତ ଗତିରେ ଆଗକୁ ବଢ଼ିବା ଏବଂ ଭବିଷ୍ୟତ ପାଇଁ ନିର୍ମାଣ କରିବାକୁ ପ୍ରେରଣା ଦେଉଛି। ଆମର ଗୁରୁତ୍ୱ ହେଉଛି କୃଷି ଗବେଷଣା ଏବଂ ଉଦ୍ଭାବନ ପାଇଁ ଏକ ବିଶ୍ୱସ୍ତରୀୟ ମାନଦଣ୍ଡପ୍ରାପ୍ତ ପ୍ରତିଷ୍ଠାନ ସୃଷ୍ଟି କରିବା ଯାହା ଚାଷୀମାନଙ୍କୁ ସଶକ୍ତ କରୁଥିବ, କୃଷି ଶୈଳୀକୁ ପରିବର୍ତନ କରିବା ଏବଂ ପୁନଃପରିଭାଷିତ ଟେକ୍ନୋଲୋଜି ବିକାଶ କରିବା। ଉତରପ୍ରଦେଶରୁ, ଭାରତ ଏବଂ ବିଶ୍ୱ ପାଇଁ - ଆମେ କୃଷିର ଭବିଷ୍ୟତ ନିର୍ମାଣ କରିବା ପାଇଁ ଅପେକ୍ଷା କରିଛୁ।



## ଏଆଇ+ ସ୍ମାର୍ଟଫୋନ୍ ସିରିଜ୍‌ର ମୂଲ୍ୟରେ ପରିବର୍ତ୍ତନ

**ଭୁବନେଶ୍ୱର, ୨୪।୮ (ନି.ପ୍ର) :** ଏଆଇ+ ସ୍ମାର୍ଟଫୋନ୍ ପକ୍ଷରୁ ତାର କେତେକ ନିର୍ଦ୍ଦିଷ୍ଟ ସ୍ମାର୍ଟଫୋନ୍‌ଗୁଡ଼ିକର ମୂଲ୍ୟରେ ପ୍ରାୟ ୨,୦୦୦ ଟଙ୍କା ବୃଦ୍ଧି କରିବା ଘୋଷଣା କରିଛି। ସମଗ୍ର ସ୍ମାର୍ଟଫୋନ୍ ଉଦ୍ୟୋଗରେ ଯନ୍ତ୍ରାଂଶ ତଥା ଅନ୍ୟାନ୍ୟ ଜରୁରୀ ଖର୍ଚ୍ଚ ବଢୁଥିବା କାରଣରୁ




ଏହି ପଦକ୍ଷେପ ନିଆଯାଇଛି। ସ୍ମାର୍ଟଫୋନ୍ ଶିଳ୍ପ ଏବେ ଖର୍ଚ୍ଚ ବୃଦ୍ଧି ଜନିତ ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି। ବିଶେଷ କରି ମେମୋରୀ ଭଳି ମୁଖ୍ୟ ଯନ୍ତ୍ରାଂଶ ସହିତ ନିର୍ମାଣ, ପରିବହନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀର ଦାମ୍ ବଢ଼ିବାରେ ଲାଗିଛି। ଏହି ବର୍ଦ୍ଧିତ ଖର୍ଚ୍ଚ ସବୁ ବର୍ଗର ଫୋନ୍ ନିର୍ମାଣ ଉପରେ ପ୍ରଭାବ ପକାଉଛି, ଯାହା ଫଳରେ ଗ୍ରାହକଙ୍କ ସୁବିଧା ଏବଂ ଉତମ ଅନୁଭୂତିକୁ ସନ୍ତୁଳିତ ରଖି ବ୍ରାଣ୍ଡଗୁଡ଼ିକୁ ମୂଲ୍ୟରେ ପରିବର୍ତନ କରିବାକୁ ପଡୁଛି। ଗ୍ରାହକଙ୍କ ପାଇଁ ଦାମ୍ ସୁଲଭ ରଖିବାକୁ ଏଆଇ+ ସ୍ମାର୍ଟଫୋନ୍ ଏହି ବର୍ଦ୍ଧିତ ଖର୍ଚ୍ଚର ଏକ ବଡ଼ ଭାଗ ନିଜେ ବହନ କରିଛି। ତଥାପି, ଖର୍ଚ୍ଚର ଚାପ ଲାଗି ରହିଥିବାରୁ, କମ୍ପାନୀ ଆଜିଠାରୁ କିଛି ନିର୍ଦ୍ଦିଷ୍ଟ ଫୋନ୍‌ର ଦାମ୍‌ରେ ସାମାନ୍ୟ ପରିବର୍ତନ କରିବାକୁ ବାଧ ହୋଇଛି। ପରିବର୍ତିତ ମୂଲ୍ୟ ଯେପରିକି ଏଆଇ ପ୍ଲସ ପଲସ . ୪+୬୪ ଭାରିଆଂଟ ପୂର୍ବରୁ ୯୯୯୯ ଟଙ୍କା ରହିଥିବାବେଳେ ଏବେ ୧୦୯୯୯ ଟଙ୍କା ହୋଇଛି ଏବଂ ଏଆଇ ପ୍ଲସ ପଲସ ୨, ୪+୧୨୮ ଭାରିଆଂଟ ପୂର୍ବରୁ ୧୦୯୯୯ ଟଙ୍କା ରହିଥିବାବେଳେ ଏବେ ୧୧୪୯୯ ଟଙ୍କା ହୋଇଛି। ସେହିପରି ଏଆଇ ପ୍ଲସ ପଲସ ୨,୬+୧୨୮ ଭାରିଆଂଟ ପୂର୍ବରୁ ୧୧୯୯୯ ଟଙ୍କା ରହିଥିବାବେଳେ ଏବେ ମଧ୍ୟ ଅପରିବର୍ତିତ ରହିଛି। ଏବଂ ଏଆଇ ପ୍ଲସ ନୋଭା ୨ ୫ଜି, ୪+୬୪ ପୂର୍ବରୁ ୧୨୯୯୯ ଟଙ୍କା ରହିଥିବା ବେଳେ ଏବେ ୧୩୯୯୯ ଟଙ୍କ ହୋଇଛି।

## ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ବିଏସଇ ୫୦୦ ମୁମେଂଟମ୍ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡ୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ୨୪।୮ (ନି.ପ୍ର) :** କମ୍ପାନୀ ପକ୍ଷରୁ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ବିଏସଇ ୫୦୦ ମୁମେଂଟମ ଭାଲ୍ୟୁ ଇଣ୍ଡେକ୍ସ ଫଣ୍ଡର ଲଂଚ୍ ଘୋଷଣା କରାଯାଇଛି, ଏହା ହେଉଛି ଏକ ମୂଲ୍ୟ ଓ ଗତି ନିବେଶ ବିକଳ୍ପ ଯାହା ଗ୍ରାହକଙ୍କୁ ନିର୍ଦ୍ଦିଷ୍ଟ ୟୁନିଟ୍-ଲିଙ୍କ୍‌ଡ ଇନ୍ସୁରାନ୍ସ ପ୍ଲାନ (ୟୁଲିପ୍) ମାଧ୍ୟମରେ ଦୀର୍ଘକାଳିନ ଇକ୍ୱିଟି ସୁଯୋଗ ପାଇଁ ପହଂଚ ପ୍ରଦାନ କରିଥାଏ। ଏହି ଫଣ୍ଡ୍ ଗ୍ରାହକଙ୍କୁ ବିସ୍ତୃତ ବିଏସ୍‌ଇ ୫୦୦ ୟୁନିଭର୍ସରୁ ଚୟନ କରାଯାଇଥିବା ୫୦ଟି କମ୍ପାନୀର ଏକ ବିବିଧ ଶୃଙ୍ଖଳା ପାଇଁ ଏକ୍ସପୋଜର ଦେଇଥାଏ ଏବଂ ଆଇସିଆଇସିଆଇ ପ୍ରୁ ବିଏସଇ ୫୦୦ ମୁମେଂଟମ ଭାଲ୍ୟୁ ୫୦ କଷ୍ଟମାଇଜ୍‌ଡ ଇଣ୍ଡେକ୍ସକୁ ଅନୁସରଣ କରିଥାଏ। ଯଦି ଏକ ଷ୍ଟକ୍‌କୁ ନିୟାମକୀୟ ନିର୍ଦ୍ଦେଶାବଳୀ କାରଣରୁ ଚୟନ କରାଯାଇନପାରେ ତେବେ ପରବର୍ତୀ ଯୋଗ୍ୟ ଷ୍ଟକ୍‌ଗୁଡିକୁ ୫୦ଟି ଷ୍ଟକ୍‌ର ଏକ ଗୋଷ୍ଠୀ ବଜାୟ ରଖିବା ପାଇଁ ଚୟନ କରାଯିବ। ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ବିଏସଇ ୫୦୦ ମୁମେଂଟମ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡ, www.iciciprulife.comରେ ଉପଲବ୍ଧ ଲାଇଫ କଭର ସହିତ, ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫର ଆଇସିଆଇସିଆଇ ପ୍ରୁ ସ୍ମାର୍ଟକିଟ ଆସ୍ୟୋର, ଆଇସିଆଇସିଆଇ ପ୍ରୁ ସିଗ୍ନେଚର ଆସ୍ୟୋର, ଆଇସିଆଇସିଆଇ ପ୍ରୁ ସିଗ୍ନେଚର ଅନ୍‌ଲାଇନ ଏବଂ ଆଇସିଆଇସିଆଇ ପ୍ରୁ ସ୍ମାର୍ଟ ଇନ୍ସୁରାନ୍ସ ପ୍ଲାନ ପ୍ଲସ ଭଳି ୟୁଲିପ୍ ଉତ୍ପାଦଗୁଡିକ ମାଧ୍ୟମରେ ଉପଲବ୍ଧ ହେବ।

ଏହି ଲଂଚ୍ ଅବସରରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ




ଲାଇଫ ଇନ୍ସୁରାନ୍ସର ମୁଖ୍ୟ ନିବେଶ ଅଧିକାରୀ ମନିଷ କୁମାର କହିଛନ୍ତି, 'ବିଏସ୍‌ଇ ୫୦୦ ମୁମେଂଟମ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡକୁ ଗ୍ରାହକଙ୍କୁ ଏକ ଶୃଙ୍ଖଳିତ ଓ ସ୍ୱଚ୍ଛ ନିବେଶ ରଣନୀତି ପାଇଁ ପହଂଚ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି ଯାହା ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିବେଶ କାରକ, ମୂଲ୍ୟ ଓ ଗତିକୁ ଏକତ୍ରିତ କରିଥାଏ। ଆକର୍ଷଣୀୟ ମୂଲ୍ୟାୟନ ମୂଲ୍ୟ ସହଜତା ଦେଇ ପାରୁଥିବା ବେଳେ ସକାରାତ୍ମକ ବେଗ ବର୍ଦ୍ଧିତ ବଜାର ଆତ୍ମବିଶ୍ୱାସକୁ ସୂଚିତ କରିପାରେ। ଏହି କାରକଗୁଡିକୁ ଏକତ୍ରିତ କରିବା ଦ୍ୱାରା ତାହା ଏହି ରଣନୀତିକୁ ଉଭୟ ପରିମାପରେ ଦୃଢତା ପ୍ରଦର୍ଶିତ କରୁଥିବା କମ୍ପାନୀଗୁଡିକୁ ଚିହ୍ନଟ କରିବା ପାଇଁ ସକ୍ଷମ କରିଥାଏ, ଯାହା ନିବେଶକଙ୍କୁ ଉଦୀୟମାନ ସୁଯୋଗଗୁଡିକରେ ଅଂଶଗ୍ରହଣ କରିବା ପାଇଁ ସାହାଯ୍ୟ କରିଥାଏ। ଏହି ରଣନୀତି ଏକ ବ୍ୟବସ୍ଥିତ ପଦ୍ଧତିକୁ ଅନୁସରଣ କରିଥାଏ ଏବଂ ଏହାକୁ ପ୍ରତ୍ୟେକ ତ୍ରୈମାସିକରେ ସମୀକ୍ଷା କରାଯାଇଥାଏ, ଯାହା ଏହି ପୋର୍ଟଫୋଲିଓକୁ ପରିବର୍ତିତ ବଜାର ମୂଲ୍ୟାୟନ ଓ ଟ୍ରେଣ୍ଡ ସହ ବିକଶିତ ହେବା ପାଇଁ ଅନୁମତି ଦେଇଥାଏ।' ସୂଚନାଯୋଗ୍ୟ ଯେ, ୨୦୨୬-୨୭ର ପ୍ରଥମ ତ୍ରୈମାସିକରେ କମ୍ପାନୀର ଦାବି ସମାଧାନ ଅନୁପାତ ୯୯.୩% ରହିଥିବା ବେଳେ ଅଣ ଯାଂଚ ବିଶିଷ୍ଟ ସ୍ୱାଧୀନ ଦାବିଗୁଡିକ ପାଇଁ ହାରାହାରି ଟର୍ଣ୍ଣଆରାଉଣ୍ଡ ସମୟ କେବଳ ୧ ଦିନ ରହିଥିଲା। ଜୁନ୍ ୩୦, ୨୦୨୬ ସୁଦ୍ଧା କମ୍ପାନୀର ଆସେଟ ଅଣ୍ଡର ମ୍ୟାନେଜମେଂଟ ୩.୩୪ ଲକ୍ଷ କୋଟି ଟଙ୍କା ରହିଛି ଏବଂ ଆରମ୍ଭ ପରଠାରୁ ଏହାର ଶୂନ ନନ୍-ପରଫର୍ମିଙ୍ଗ ଆସେଟ୍ (ଏନପିଏ) ରହିଛି ଯାହା ଆସେଟ ବୁକ୍‌ର ଉଚ୍ଚ ଗୁଣବତାକୁ ସୂଚିତ କରୁଛି।

## ଦ ୱେଲ୍‌ଥ କମ୍ପାନୀ ମ୍ୟୁଚୁଆଲ୍ ଫଣ୍ଡର ଭୁବନେଶ୍ୱର ଶାଖା ଶୁଭାରମ୍ଭ

**ଭୁବନେଶ୍ୱର, ୨୪।୮ (ନି.ପ୍ର) :** ପାଂଟୋମାଥ୍ ଗ୍ରୁପ୍‌ର ଅଂଶବିଶେଷ 'ଦ ୱେଲ୍‌ଥ କମ୍ପାନୀ', ଖାରବେଳ ନଗରସ୍ଥିତ ହାଉସିଂ ବୋର୍ଡ ଛକରେ ନିଜର ଭୁବନେଶ୍ୱର ଶାଖା ଖୋଲିବା ସହ ଓଡ଼ିଶାରେ ଉପସ୍ଥିତି ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି। ଏହା ନିବେଶକ ସଚେତନତା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ସ୍ଥାନୀୟ ସ୍ତରରେ ଏକ ମଜଭୁତ ଆର୍ଥିକ ବଂଟନ ବ୍ୟବସ୍ଥା ଗଠନ ଉପରେ ଗୁରୁତ୍ୱ ଦେଉଛି। ଶିଳ୍ପ ବିଶେଷଜ୍ଞ ଲିଙ୍ଗରାଜ ମହାଁ ଓଡ଼ିଶାର ବ୍ୟବସାୟକୁ ଆଗକୁ ବଢ଼ାଇବା ଦାୟିତ୍ୱ ନେବେ। ଏହି ବିସ୍ତାର ଏପରି ଏକ ସମୟରେ ହେଉଛି, ଯେତେବେଳେ କି ଓଡ଼ିଶା ଭାରତର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ଅର୍ଥବ୍ୟବସ୍ଥା ଭାବେ ଉଭା ହେଉଛି। ଓଡ଼ିଶା ଅର୍ଥନୈତିକ ସର୍ବେକ୍ଷଣ ୨୦୨୫-୨୬ ଅନୁଯାୟୀ, ରାଜ୍ୟର ଅର୍ଥବ୍ୟବସ୍ଥା ପ୍ରାୟ ୯.୮୮ ଲକ୍ଷ କୋଟି ଟଙ୍କା ବୋଲି ଆକଳନ କରାଯାଇଛି, ଯେଉଁଥିରେ ରାଜ୍ୟ ମୋଟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅଭିବୃଦ୍ଧି ୭.୯% ରହିଛି। ମୁଣ୍ଡପିଛା ଆୟ ୯.୨% ବୃଦ୍ଧି ପାଇ ୧,୮୬,୭୬୧ ଟଙ୍କା ହୋଇଛି, ଯାହା ବଢୁଥିବା ଅର୍ଥନୈତିକ ସମୃଦ୍ଧିକୁ ଦର୍ଶାଉଛି। ଦ ୱେଲ୍‌ଥ କମ୍ପାନୀର ପ୍ରତିଷ୍ଠାତା ମଧୁ ଲୁନାୱତ କହିଛନ୍ତି, 'ବର୍ଦ୍ଧିତ ଆୟ, ଅର୍ଥନୈତିକ ଅଭିବୃଦ୍ଧି ଏବଂ ବଢୁଥିବା ଆର୍ଥିକ ସଚେତନତା ଏକ ନୂତନ ପିଢ଼ିର ନିବେଶକ ସୃଷ୍ଟି କରୁଥିବାରୁ ଓଡ଼ିଶା ବର୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ରହିଛି। ଆମର ଉଦ୍ଦେଶ୍ୟ କେବଳ ବ୍ୟବସାୟ ବିସ୍ତାର କରିବା ନୁହେଁ, ବରଂ ତୃଣମୂଳ ସ୍ତରରେ ଆର୍ଥିକ ଦକ୍ଷତା ବିକାଶ କରିବା। ସ୍ଥାନୀୟ ଉଦ୍ୟୋଗୀ, ବିଶେଷ କରି ମହିଳାମାନଙ୍କୁ ସଚେତନ ଆର୍ଥିକ ବିତରକ ଭାବେ ସକ୍ଷମ କରି ଆମେ ସମ୍ପତି ସୃଷ୍ଟି ପାଇଁ ଏକ ଦୃଢ଼ ଓ ଦୀର୍ଘସ୍ଥାୟୀ ବ୍ୟବସ୍ଥା ଗଠନ କରିପାରିବା। ଏହି ଅଭିବୃଦ୍ଧି ଏବେ ବଜାର-ଆଧାରିତ ନିବେଶରେ ଲୋକଙ୍କ ଅଧିକ ଭାଗିଦାରୀରେ ପରିଣତ ହେଉଛି। ଓଡ଼ିଶାର ମ୍ୟୁଚୁଆଲ୍ ଫଣ୍ଡ୍ ଆଭରେଜ୍ ଆସେଟ୍ସ ଅଣ୍ଡର ମ୍ୟାନେଜମେଂଟ ସମ୍ପତି ମାର୍ଚ୍ଚ ୨୦୨୫ରେ ୬୩,୨୦୯ କୋଟିରୁ ବୃଦ୍ଧି ପାଇ ମାର୍ଚ୍ଚ ୨୦୨୬ ସୁଦ୍ଧା ୭୩,୪୬୦ କୋଟି ହୋଇଛି, ଯାହା ବର୍ଷକ ମଧ୍ୟରେ ୧୬%ରୁ ଅଧିକ ଅଭିବୃଦ୍ଧି ଦର୍ଶାଉଛି। ଏହି ଧାରା ନିବେଶକଙ୍କ ବଢୁଥିବା ଯୋଗଦାନକୁ ଦର୍ଶାଇବା ସହ ସମଗ୍ର ରାଜ୍ୟରେ ଆର୍ଥିକ ସଚେତନତା ଓ ଏହାର ପହଂଚକୁ ଆହୁରି ଗଭୀର କରିବାର ସୁଯୋଗକୁ ସୂଚାଉଛି।

## ରକ୍ଷା ବନ୍ଧନ ପାଇଁ ଆମାଜନ ଡଟ୍ ଇନ୍ ଗ୍ରାହକଙ୍କ ୱାନଷ୍ଟପ୍ ଗନ୍ତବ୍ୟସ୍ଥଳୀ

**ଭୁବନେଶ୍ୱର, ୨୪।୮ (ନି.ପ୍ର) :** ଉତ୍ସବ ଋତୁର ଆରମ୍ଭକୁ ସୂଚିତ କରି ଆମାଜନ ଡଟ୍ ଇନ୍ ଭାଇଭଉଣୀଙ୍କ ମଧ୍ୟରେ ସ୍ୱତନ୍ତ୍ର ସମ୍ପର୍କକୁ ପାଳନ କରିବା ଏବଂ ରକ୍ଷା ବନ୍ଧନର ଅବସରକୁ ସ୍ମରଣୀୟ କରିବା ପାଇଁ ରାକ୍ଷୀ, ଆକର୍ଷଣୀୟ ଉପହାର ଓ ପାର୍ବଣ ସାମଗ୍ରୀଗୁଡିକୁ ଏକାଠି କରିଛି। ରାକ୍ଷୀ ଓ ପର୍ସନାଲାଇଜ୍‌ଡ ହାମ୍ପରଠାରୁ ଆରମ୍ଭ କରି ସ୍ୱାଦିଷ୍ଟ ମିଠା ଉପହାର, ଚକୋଲେଟ ଓ ନୂତନ ଟେକ୍ ଗ୍ୟାଜେଟ ସମେତ ଆମାଜନର ରକ୍ଷା ବନ୍ଧନ ଷ୍ଟୋର ପ୍ରତ୍ୟେକ ଭାଇଭଉଣୀଙ୍କ ପାଇଁ ଉପହାର ବିକଳ୍ପର ଏକ ବିସ୍ତୃତ ଶୃଙ୍ଖଳା ଉପଲବ୍ଧ କରିଛି। ଗ୍ରାହକମାନେ ଏହି ଷ୍ଟୋର୍‌ରେ ବିବା, ଲିବାସ, ମାନ୍ୟବର, ମେବିଲାଇନ୍, କାଲଭିନ୍ କ୍ଲେନ୍, ସେଟାଫିଲ୍, ସାମସଙ୍ଗ, ଏଲଜି, ଜେବିଏଲ୍, ସୋନି, ଫୁଜିଫିଲ୍ମ ଇନଷ୍ଟାକ୍ସ, ଫୁଲ ଏବଂ ଅନ୍ୟାନ୍ୟ ପ୍ରମୁଖ ବ୍ରାଣ୍ଡ ସହିତ ଉତ୍ସବକାଳୀନ ଆବଶ୍ୟକୀୟ ସାମଗ୍ରୀ ଅନ୍ୱେଷଣ କରିପାରିବେ। ଏହାସହିତ, ପ୍ରାଇମ୍ ସଦସ୍ୟମାନେ ଦେଶବ୍ୟାପୀ କିଛି ଘଂଟା ମଧ୍ୟରେ, ସେହି ଦିନ କିମ୍ବା ପରବର୍ତୀ ଦିନ ବିତରଣ କରାଯାଉଥିବା ୨ ଲକ୍ଷରୁ ଅଧିକ ଉତ୍ପାଦ ଉପରେ ଅତିରିକ୍ତ ୫% ସଂଚୟ ସହିତ ଅଧିକ ମୂଲ୍ୟ ଅନଲକ୍ କରିପାରିବେ। ଆମାଜନରେ ରାକ୍ଷୀ ଏବଂ ଫ୍ୟାଶନ, ବିୟୁଟି, ହୋମ୍, କ୍ୟୁମର ଇଲେକ୍‌ଟ୍ରୋନିକ୍ସ, କିଚେନ ଓ ଦୈନନ୍ଦିନ ସାମଗ୍ରୀ କ୍ଷେତ୍ରରେ ଉପହାର ସାମଗ୍ରୀ ଉପରେ ୭୦% ପର୍ଯ୍ୟନ୍ତ ରିହାତି ରହିଛି। ଆକର୍ଷଣୀୟ ରାକ୍ଷୀ ଏବଂ ଉତ୍ସବକାଳୀନ ଆବଶ୍ୟକୀୟ ସାମଗ୍ରୀଠାରୁ ଶେଷ ମୁହୂର୍ତର ଉପହାର ପର୍ଯ୍ୟନ୍ତ, ଆମାଜନ୍ ନାଓ ବିଭିନ୍ନ ସହରରେ କିଛି ମିନିଟ୍ ମଧ୍ୟରେ ବିଭିନ୍ନ ପ୍ରକାରର ଉତ୍ପାଦ ପ୍ରଦାନ କରିବା ସହିତ ରକ୍ଷା ବନ୍ଧନ ସପିଂକୁ ସୁବିଧାଜନକ କରିଛି। ଆମାଜନ୍ ନାଓରେ ଥିବା ଡେଡିକେଟେଡ ରାକ୍ଷୀ ଷ୍ଟୋର୍‌ରେ ମାତ୍ର ୧୯ ଟଙ୍କାରୁ ଆରମ୍ଭ ହେଉଥିବା ୫୦୦ରୁ ଅଧିକ ସ୍ୱତନ୍ତ୍ର ରାକ୍ଷୀ, କେବଳ ୧ ଟଙ୍କାରେ ରୋଲି ଚାଉଳ କମ୍ବୋ, ମିଠା, ଉପହାର ଏବଂ ଉତ୍ସବକାଳୀନ ଆବଶ୍ୟକୀୟ ସାମଗ୍ରୀ ରହିଛି। ଏଥିରେ କ୍ୟୁଆର ଏବଂ ଏନଏଫସି-ସକ୍ଷମ ରାକ୍ଷୀ, ଡିଆଇୱାଇ ଏବଂ ରାକ୍ଷୀ ଆଲିଙ୍ଗନ କାର୍ଡ, ବ୍ଲେସଡ୍ ଓ ହନୁମାନ ଚାଳିଶା ରାକ୍ଷୀ, କିଡ୍ସ ଓ ପୋଷା ପ୍ରାଣୀ ରାକ୍ଷୀ, ଭୈୟା-ଭାବି ରାକ୍ଷୀ, ଇଭିଲ୍ ଆଇ ଓ ସ୍ୱରୋଭସ୍କି କ୍ରିଷ୍ଟାଲ୍ ରାକ୍ଷୀ ସମେତ ବିଭିନ୍ନ ପ୍ରକାରର ରାଖୀ ଅନ୍ତର୍ଭୁକ୍ତ ରହିଛି। ଗ୍ରାହକମାନେ ରାକ୍ଷୀ ଭାଇବ୍ ଚେକ୍ ମଧ୍ୟ ନେଇପାରିବେ, ଏହା ଏକ ୩୦-ସେକେଣ୍ଡ ଇଂଟରାକ୍ଟିଭ୍ କୁଇଜ୍ ଯାହା ଦ୍ୱାରା ସେମାନଙ୍କ ଭାଇଭଉଣୀ ପାଇଁ ଉପଯୁକ୍ତ ରାକ୍ଷୀ ଖୋଜିପାରିବେ। ଆମାଜନ ଇଣ୍ଡିଆ ଏହି ରକ୍ଷା ବନ୍ଧନରେ ସପିଂକୁ ଅଧିକ ସରଳ ଏବଂ ସହଜ କରିବା ପାଇଁ ରୁଫସ୍, ଲେନ୍ସ ଏଆଇ, ରିଭ୍ୟୁ ହାଇଲାଇଟ୍‌ସ, କ୍ୱିକ୍ ଲର୍ଣ୍ଣ ଓ ବାୟିଙ୍ଗ ଗାଇଡ୍ ଭଳି ଏଆଇ ଟୁଲ୍‌ଗୁଡିକର ବ୍ୟବହାର କରୁଛି।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ 'ଗ୍ରୀନ୍ ଚାମ୍ପିଅନ୍'ମାନଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର, ୨୪।୮ (ନି.ପ୍ର) :** ସ୍ୱଚ୍ଛ ଶକ୍ତି ଓ ସ୍ଥାୟୀ ଭବିଷ୍ୟତ ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ, ସ୍ୱାଧୀନତା ଦିବସ ଅବସରରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଗ୍ରାହକ ଓ କର୍ମଚାରୀମାନଙ୍କୁ 'ଗ୍ରୀନ୍ ଚାମ୍ପିଅନ୍' ଭାବେ ସମ୍ବର୍ଦ୍ଧିତ କରାଯାଇଛି। ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜଳି ଯୋଜନା ( ପି ଏମ୍ ଏସ ଜି: ଏମ୍ ବି ଉଆଇ) ଅଧୀନରେ ପ୍ରଥମ ସୌର ସଂଯୋଗ ଗ୍ରହଣ କରିଥିବା ୩୨ ଜଣ ଗ୍ରାହକ ଏବଂ ସୌର ଶକ୍ତିର ପ୍ରସାର ଓ ଗ୍ରାହକ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ୫୧ ଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ଦକ୍ଷିଣ ଓଡ଼ିଶାରେ ଛାତ ଉପରେ ସୌର ଶକ୍ତିର ବ୍ୟବହାର ଓ ପ୍ରସାରକୁ ଆଗେଇ ନେବାରେ ସେମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ରହିଛି। ଟିପିଏସ୍‌ଓଡିଏଲର ୬ଟି ସର୍କଲ୍ ଅଧୀନରେ ଥିବା ୮ଟି ଜିଲ୍ଲାରୁ ପ୍ରତ୍ୟେକ ଜିଲ୍ଲାର ୪ ଜଣ ଲେଖାଏଁ, ମୋଟ ୩୨ ଜଣ ଗ୍ରାହକଙ୍କୁ ଛାତ ଉପରେ ସୌର ଶକ୍ତି ଆପଣାଇ ଏକ ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଠନରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ସୌର ଶକ୍ତିକୁ ଆପଣାଇ ସେମାନେ କେବଳ ନିଜର ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିନାହାନ୍ତି, ବରଂ ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରି ପରିବେଶ ସୁରକ୍ଷାରେ ମଧ୍ୟ ନିଜର ଅବଦାନ ରଖିଛନ୍ତି। ଏହି ସମ୍ମାନ ସେମାନଙ୍କ ସଚେତନତା ଓ ପରିବେଶ ପ୍ରତି ଦାୟିତ୍ୱବୋଧର ସ୍ୱୀକୃତି ସ୍ୱରୂପ। ସେହିପରି, ସୌର ଶକ୍ତି ଆପଣାଇବାର ସମଗ୍ର



ପ୍ରକ୍ରିୟାରେ ଗ୍ରାହକମାନଙ୍କୁ ସହଯୋଗ କରିଥିବା ଟିପିଏସ୍‌ଓଡିଏଲର କର୍ମଚାରୀମାନଙ୍କୁ ମଧ୍ୟ ସେମାନଙ୍କ ଉଲ୍ଲେଖନୀୟ ପ୍ରୟାସ ପାଇଁ ସମ୍ମାନିତ କରାଯାଇଛି। ପୀକରଣ ଓ ଆବଶ୍ୟକ ଦଲିଲପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ସୌର ପ୍ରକଳ୍ପର ସ୍ଥାପନ, ଯାଞ୍ଚ, କାର୍ଯ୍ୟକ୍ଷମତା ନିର୍ଦ୍ଧାରଣ ଓ ସବ୍‌ସିଡି ପ୍ରଦାନ ପର୍ଯ୍ୟନ୍ତ ସେମାନେ ଗ୍ରାହକମାନଙ୍କୁ ନିରନ୍ତର ସହଯୋଗ ପ୍ରଦାନ କରିଛନ୍ତି। ସେମାନଙ୍କ ସକ୍ରିୟ ଓ ଦାୟିତ୍ୱପୂର୍ଣ୍ଣ ଭୂମିକା ଗ୍ରାହକମାନଙ୍କ ପାଇଁ ସ୍ୱଚ୍ଛ ଓ ଅକ୍ଷୟ ଶକ୍ତି ଆଡ଼କୁ ପରିବର୍ତ୍ତନର ପ୍ରକ୍ରିୟାକୁ ଅଧିକ ସରଳ ଓ ସୁଗମ କରିଛି। ସମ୍ବର୍ଦ୍ଧିତ 'ଗ୍ରୀନ୍ ଚାମ୍ପିଅନ୍' ଭାବେ ନିଜ ଅନୁଭୂତି ବ୍ୟକ୍ତ କରି ରାୟଗଡ଼ା ଜିଲ୍ଲା ଗୁଣପୁରର ଗ୍ରାହକ ମୁରଲୀଧର ପଣ୍ଡା କହିଛନ୍ତି, 'ଏହି ସ୍ୱାଧୀନତା ଦିବସରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ 'ଗ୍ରୀନ୍ ଚାମ୍ପିଅନ୍' ଭାବେ ସମ୍ମାନିତ ହୋଇ ମୁଁ ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛି। ଆମ ସମାଜ ପାଇଁ ଏକ ସ୍ଥାୟୀ ଓ ସୁନ୍ଦର ଭବିଷ୍ୟତ ଗଠନରେ ମୁଁ ନିଜର ଛୋଟ ଅବଦାନ ରଖିପାରିଥିବାରୁ ମୁଁ ଅତ୍ୟ' ଆନନ୍ଦିତ। ମୁଁ ୩ କିଲୋୱାଟ୍‌ର ଏକ ସୌର ପ୍ରକଳ୍ପ ସ୍ଥାପନ କରିଛି, ଯାହା ଫଳରେ ମାସିକ ବିଦ୍ୟୁତ୍ ବିଲ୍‌ରେ ପ୍ରାୟ ୧,୫୦୦ରୁ ୨,୦୦୦ ଟଙ୍କା ପର୍ଯ୍ୟ' ସଞ୍ଚୟ କରିପାରୁଛି। ଏଥିସହ ମୋତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସବ୍‌ସିଡି ସହାୟତା ମଧ୍ୟ ମିଳିଛି। ସୌର ଶକ୍ତି ଆପଣାଇବା, ମୋ ପାଇଁ ଏକ ଅତ୍ୟନ୍ତ ସନ୍ତୋଷଜନକ ଓ ଲାଭଦାୟକ ଅନୁଭବ ହୋଇଛି।' ଏହି ଅବସରରେ ଟିପିଏସ୍‌ଓଡିଏଲ୍ ର ସିଇଓ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଆଜି ସମ୍ବର୍ଦ୍ଧିତ ହୋଇଥିବା 'ଗ୍ରୀନ୍ ଚାମ୍ପିଅନ୍' ମାନେ ସ୍ୱଚ୍ଛ ଶକ୍ତି ଆଡ଼କୁ ଭାରତର ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ସାମୂହିକ ଚେତନତାର ପ୍ରତୀକ। ଆମ ଗ୍ରାହକମାନେ ପ୍ରମାଣ କରିଛନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କ ଛୋଟ ପଦକ୍ଷେପ ମଧ୍ୟ ପରିବେଶ ଓ ସମାଜ ଉପରେ ବଡ଼ ପ୍ରଭାବ ପକାଇପାରେ। ସେହିପରି, ଆମ କର୍ମଚାରୀମାନେ ଗ୍ରାହକମାନଙ୍କ ସହ ନିକଟତର ହୋଇ କାର୍ଯ୍ୟ କରି ସୌର ଶକ୍ତି ଆପଣାଇବାର ସମଗ୍ର ପ୍ରକ୍ରିୟାକୁ ସରଳ କରିଛନ୍ତି। ଟିପିଏସ୍‌ଓଡିଏଲ୍ ଦକ୍ଷିଣ ଓଡ଼ିଶାର ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ଅକ୍ଷୟ ଶକ୍ତିକୁ ଅଧିକ ସୁଲଭ, ସ୍ୱଳ୍ପ ବ୍ୟୟସାଧ୍ୟ ଓ ସୁବିଧାଜନକ କରିବା ଦିଗରେ ନିଜର ପ୍ରତିବଦ୍ଧତାକୁ ଜାରି ରଖିବ।' ଛାତ ସୌର ପ୍ରକଳ୍ପ ସ୍ଥାପନ ପାଇଁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଗ୍ରାହକମାନଙ୍କଠାରୁ ଟିପିଏସ୍‌ଓଡିଏଲ୍ ନିକଟରେ ୫୧,୦୦୦ରୁ ଅଧିକ ଆବେଦନ ଗ୍ରହଣ କରିଛି। ଏହା ଅଞ୍ଚଳରେ ସ୍ୱଚ୍ଛ ଓ ଅକ୍ଷୟ ଶକ୍ତି ପ୍ରତି ବଢୁଥିବା ଆଗ୍ରହ ଏବଂ ଏହାର ବ୍ୟବହାରକୁ ସ୍ପଷ୍ଟ ଭାବେ ପ୍ରତିଫଳିତ କରୁଛି।

## ଆମାଜନ ପେ ଗିଫ୍ଟ କାର୍ଡସ ପକ୍ଷରୁ ରକ୍ଷାବନ୍ଧନ ଅଫର୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ୨୪।୮ (ନି.ପ୍ର) :** ଆମାଜନ ପେ ଗିଫ୍ଟ କାର୍ଡ଼ ପକ୍ଷରୁ ରକ୍ଷାବନ୍ଧନ ପାର୍ବଣ ଅଫରର ଘୋଷଣା କରାଯାଇଛି, ଯେଉଁଥିରେ ସେହିଦିନ ଏବଂ ପରଦିନ ଡେ଼ଲିଭରି ସହିତ ଫିଜିକାଲ ଗିଫ୍ଟ କାର୍ଡ଼ ପାଇଁ ପ୍ରିମିୟମ ରାକ୍ଷୀ ଗିଫ୍ଟ ବକ୍ସ ଅନ୍ତର୍ଭୁକ୍ତ ରହିଛି। ଏହି ପାର୍ବଣ ଶୃଙ୍ଖଳାରେ ଫିଜିକାଲ କାର୍ଡ଼ ଉପରେ ୫% ପର୍ଯ୍ୟ' କ୍ୟାସବ୍ୟାକ, ଇ-ଗିଫ୍ଟ କାର୍ଡ଼ ଉପରେ ୧୫୦ ଟଙ୍କା ପର୍ଯ୍ୟନ୍ତ ଫେରସ୍ତ, ଜେନ ଏଆଇ ଦ୍ୱାରା ପରିଚାଳିତ ନୂଆ ପର୍ସନାଲାଇଜେଶନ ଫିଚର ଏବଂ ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡ଼ିଟ୍ କାର୍ଡ଼ଧାରୀଙ୍କ ପାଇଁ ଫ୍ଲାଟ ୨%। ଅସୀମିତ କ୍ୟାସବ୍ୟାକ୍ ଉପଲବ୍ଧ ରହିଛି। ଗିଫ୍ଟ କାର୍ଡ଼ଗୁଡ଼ିକ ୧୦ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଏଗୁଡିକ ଆମାଜନ ଓ ୨୦,୦୦୦ରୁ ଅଧିକ ପାର୍ଟନର୍ ଆପ୍‌ରେ ଫ୍ୟାଶନଠାରୁ ଆରମ୍ଭ କରି ଇଲେକ୍‌ଟ୍ରୋନିକ୍ସ, ଗ୍ରୋସରୀ ଓ ଗେମିଂ ପର୍ଯ୍ୟନ୍ତ ୧୫ କୋଟିରୁ ଅଧିକ ଉତ୍ପାଦରେ ରିଡିମ୍ କରାଯାଇପାରିବ। ଆମାଜନ ପେ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପ୍ରତ୍ୟେକ ଉପହାର ପଛରେ ଏକ ଭାବନା ମୁଖ୍ୟ ସ୍ଥାନ ଗ୍ରହଣ କରିଥାଏ, କିନ୍ତୁ ସେହି ଭାବନାକୁ ଏକ ଉପଯୁକ୍ତ ଉପହାରରେ ପରିଣତ କରିବା କଷ୍ଟକର ହୋଇଥାଏ। ଭାଇଭଉଣୀଙ୍କ ପର୍ବ ପାଇଁ, ନଗଦ ଟଙ୍କା ଦେବା ଦୀର୍ଘ ଦିନରୁ ଏକ ସୁରକ୍ଷିତ ଏବଂ ସର୍ବବ୍ୟାପୀ ଗ୍ରହଣୀୟ ବିକଳ୍ପ ହୋଇରହିଛି। ଗିଫ୍ଟ କାର୍ଡ଼ ଏହାର ଏକ ବହୁତ ଭଲ ବିକଳ୍ପ ପ୍ରଦାନ କରୁଛି।

ଏସମ୍ପର୍କରେ ଆମାଜନ ପେ'ର ଷ୍ଟୋର୍‌ଡ ଭାଲ୍ୟୁ ଓ ଗିଫ୍ଟିଙ୍ଗ ବିଭାଗର ନେହା ଗୁପ୍ତା ମାହାତାମେ କହିଛନ୍ତି, 'ଏହି ଶୁଭାରମ୍ଭ ସହିତ, ଆମେ ଏକ ବାସ୍ତବ ଉପହାର ଖୋଲିବାର ଆନନ୍ଦକୁ ନିଜ ମନପସନ୍ଦର ଜିନିଷ ବାଛିବାର ସ୍ୱାଧୀନତା ସହିତ ଯୋଡ଼ିଛୁ - ଏବଂ ଏଥିରେ ଏଆଇ-ଚାଳିତ ବ୍ୟକ୍ତିଗତସ୍ପର୍ଶ ଯୋଗ କରିଛୁ ଯାହାଫଳରେ ପ୍ରତ୍ୟେକ କାର୍ଡ଼ ଅନନ୍ୟ ଅନୁଭୂତ ହେବ। ଏହା ବିନା ଚିନ୍ତାରେ ଆମାଜନ ପେର ଏକ ଭାବପୂର୍ଣ୍ଣ ଉପହାର ହୋଇପାରିଛି।' ଏହି ରକ୍ଷାବନ୍ଧନରେ, ଫିଜିକାଲ ଗିଫ୍ଟ କାର୍ଡ଼ଗୁଡ଼ିକ ସ୍ୱତନ୍ତ୍ର ଭାବରେ ଡ଼ିଜାଇନ କରାଯାଇଥିବା ପ୍ରିମିୟମ ରାକ୍ଷୀ ଗିଫ୍ଟ ବାକ୍ସରେ ଉପଲବ୍ଧ ହେଉଛି। ଶେଷ ମୁହୂର୍ତର ଉପହାର ପାଇଁ ଏହି ବାକ୍ସଗୁଡ଼ିକୁ ସେହିଦିନ ଡେ଼ଲିଭରି ଏବଂ ଆଗରୁ ଯୋଜନା କରୁଥିବା ଲୋକଙ୍କ ପାଇଁ ନିର୍ଦ୍ଦିଷ୍ଟ ସହର ଓ ସେବାଯୋଗ୍ୟ ପିନକୋଡ଼ରେ ପରଦିନ ଡେ଼ଲିଭରି ପାଇଁ ଉପଲବ୍ଧ ରହିଛି, ଯାହା ଉପହାରଟି ସମୟରେ ପହଂଚିବା ଏବଂ ଦେବା ପାଇଁ ପ୍ରସ୍ତୁତ ରହିଛି ବୋଲି ନିଶ୍ଚିତ କରିଥାଏ। ଗ୍ରାହକମାନେ ଫିଜିକାଲ ଗିଫ୍ଟ କାର୍ଡ଼ କ୍ରୟ ଉପରେ ୫% ସଂଚୟ କରିପାରିବେ। ସେହିପରି ଇଗିଫ୍ଟ କାର୍ଡ଼ଗୁଡ଼ିକ ହ୍ୱାଟସଆପ କିମ୍ବା ଇମେଲ ମାଧ୍ୟମରେ ତୁରନ୍ତ ପଠାଯାଇପାରିବ, ଯେଉଁଥିରେ କ୍ରୟ ଉପରେ ୧୫୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ ରହିଛି। ରକ୍ଷାବନ୍ଧନ ପାଇଁ ନୂଆ ପର୍ସନାଲାଇଜେଶନ ଫିଚର ଗୁଡିକରେ ଫଟୋ ଅପ୍‌ଲୋଡ, ରାକ୍ଷୀ-ଥିମ୍‌ଡ ଆନିମେଟେଡ ଡିଜାଇନ, ଏଆଇ-ଜେନେରେଟେଡ ଡିଜାଇନ ସାମିଲ ରହିଛି। ସେହିପରି ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡ଼ିଟ୍ କାର୍ଡ଼ଧାରୀମାନେ ଏହି ରାକ୍ଷୀ ପୂର୍ଣ୍ଣିମାରେ ସମସ୍ତ ଗିଫ୍ଟ କାର୍ଡ଼ କ୍ରୟ ଉପରେ ଫ୍ଲାଟ ୨% ଅସୀମିତ କ୍ୟାସବ୍ୟାକ ପାଇପାରିବେ।

## ଜାୱା ୟେଜଦି ମୋଟରସାଇକେଲ୍ସ ରୋଡଷ୍ଟର ରେଡ୍ ୱୁଲଫ୍‌ନ୍ ସହିତ ଆମାଜନ.ଇନ ଏବଂ ଫ୍ଲିପକାର୍ଟ ରେ ଉପଲବ୍ଧ

**ଭୁବନେଶ୍ୱର, ୨୪।୮ (ନି.ପ୍ର) :** ଜାୱା ୟେଜଦି ମୋଟରସାଇକେଲ୍ସ ଆମାଜନ.ଇନ ଏବଂ ଫ୍ଲିପକାର୍ଟରେ ୟେଜଦି ରୋଡଷ୍ଟର ରେଡ୍ ୱୁଲଫ ଶୁଭାରମ୍ଭ କରିଛି। ଭାରତର ଅଗ୍ରଣୀ ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ଏହାର ନୂତନତମ ରୋଡଷ୍ଟରକୁ ବ୍ୟାପକ ଦର୍ଶକଙ୍କ ନିକଟରେ ପଂହଚାଇଛି। ଏହି ପଦକ୍ଷେପ ବ୍ରାଣ୍ଡର ଡିଜିଟାଲ୍-ପ୍ରଥମ ପଦ୍ଧତିକୁ ସୁଦୃଢ଼ କରିଥାଏ, ଯାହା ଗ୍ରାହକମାନଙ୍କୁ ଏହାର ବର୍ଦ୍ଧିତ ଅଧିକୃତ ଡିଲରସିପ୍ ନେଟୱାର୍କ ଦ୍ୱାରା ସମର୍ଥିତ ଅନଲାଇନରେ ସେମାନଙ୍କର ମାଲିକାନା ଯାତ୍ରାକୁ ନିର୍ବିଘ୍ନରେ ଆବିଷ୍କାର ଏବଂ ଆରମ୍ଭ କରିବାକୁ ସକ୍ଷମ କରିଥାଏ।

ଏହି ପରିପ୍ରେକ୍ଷୀରେ ଜାୱା ୟେଜଦି ମୋଟରସାଇକେଲ୍ସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ୟେଜଦି ରୋଡଷ୍ଟର ଏହାର ସ୍ୱତନ୍ତ୍ର ଷ୍ଟାଇଲିଂ ଏବଂ ଉନ୍ନତ ଇଞ୍ଜିନିୟରିଂ ଯୋଗୁଁ ରାଇଡରମାନଙ୍କ ମଧ୍ୟରେ ପ୍ରତିଧ୍ୱନିତ ହୋଇଛି, ଯେତେବେଳେ ରେଡ୍‌ୱୁଲ୍ଫ ଆସିଥିଲା, ଏହା ପୂର୍ବ ପରି ଏହାର ସାଥୀମାନଙ୍କୁ ଡାକିଥିଲା। ଭାରତର ଅଗ୍ରଣୀ ଇ-କମର୍ସ ପ୍ଲାଟଫର୍ମରେ ଉପଲବ୍ଧତା ସହିତ, ରେଡ୍ ୱୁଲ୍ଫ ବିଭିନ୍ନ ଭାରତୀୟ ସହରଗୁଡ଼ିକରେ ଏହାର ସାହସିକ ବ୍ୟକ୍ତିତ୍ୱ ଅାଣିପାରିବ। ରାଇଡରମାନଙ୍କ ପାଇଁ ସେମାନଙ୍କର ମାଲିକାନା ଯାତ୍ରାକୁ ସୁଗମ ଭାବରେ ଆବିଷ୍କାର ଏବଂ ଆରମ୍ଭ କରିବା ପାଇଁ ଅନଲାଇନ୍ ଉପସ୍ଥିତି ଆମ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି, ଏବଂ ଆମେ ଆମର ପ୍ରଦର୍ଶନ କ୍ଲାସିକ୍ ପରିସରକୁ ବ୍ୟାପକ ଭାବରେ ଉପଲବ୍ଧ କରାଇବାକୁ ଚେଷ୍ଟା କରିବୁ।' ୟେଜଦି ରୋଡଷ୍ଟର ରେଡ୍ ୱୁଲ୍ଫ ମୂଲ୍ୟ



୨,୦୯,୯୫୦ ଟଙ୍କା (ଏକ୍ସ-ଶୋ'ରୁମ୍ ଦିଲ୍ଲୀ) ଏବଂ ଏହା ପ୍ରାଧିକୃତ ଡିଲରସିପ୍ ରେ ଉପଲବ୍ଧ ଏବଂ ଆମାଜନ.ଇନ ଏବଂ ଫ୍ଲିପକାର୍ଟ ମାଧ୍ୟମରେ କିଣାଯାଇପାରିବ।

ୟେଜଦିର ୧୯୭୦ ଦଶକର ଐତିହ୍ୟ ଦ୍ୱାରା ଅନୁପ୍ରାଣିତ, ରେଡ୍ ୱୁଲଫ ଏହାର ଗଭୀର ଲାଲ ଫିନିଶ୍, ବ୍ୟାପକ କ୍ରୋମ୍ ଡିଟେଲିଂ ଏବଂ ବୋଲ୍ଡ ରୋଡଷ୍ଟର ସ୍ଥିତି ସହିତ ପ୍ରସ୍ତୁତ ହୋଇଛି। ୬-ସ୍ପିଡ୍ ଗିଅରବକ୍ସ ଏବଂ ଆସିଷ୍ଟ ଏବଂ ସ୍ଲିପର କ୍ଲଚ୍ ସହିତ ୩୫୦ ଆଲ୍‌ଫା୨ ଲିକ୍ୟୁଇଡ୍-କୁଲ୍ଡ ଇନ୍ ଦ୍ୱାରା ପରିଚାଳିତ, ମୋଟରସାଇକେଲ୍ ଏକ ପରିଷ୍କୃତ କିନ୍ତୁ ଆକର୍ଷଣୀୟ ଚଲାଇବା ଅଭିଜ୍ଞତା ପ୍ରଦାନ କରେ। ଦୀର୍ଘ-ଅବଧି ଆରାମ ପାଇଁ ଡିଜାଇନ୍ କରାଯାଇଥିବା, ଏଥିରେ ଆରାମଦାୟକ ଏରଗୋନୋମିକ୍ସ, ଡୁଆଲ୍-ଚ୍ୟାନେଲ୍ ଏବିଏସ୍ ଏବଂ ୩୫୦ କିଲୋମିଟରରୁ ଅଧିକ ପରିସର ପ୍ରଦାନ କରୁଥିବା ୧୨.୫ଲି ଇନ୍ଧନ ଟ୍ୟାଙ୍କ ରହିଛି।

